## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୫ ଗିରଫ

ଯାଜପୁରରୋଡ୍‌,୨୫।୪(ପବିତ୍ର ରଞ୍ଜନ ମହାନ୍ତି): ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ କୋରେଇ ଓ କୁଆଖିଆ ଅଞ୍ଚଳରେ ଚଢ଼ାଉ କରାଯାଇ ୩୮୦ ଲିଟର ଦେଶୀମଦ ଜବତ କରାଯାଇଛି। ଏଥିସହିତ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରାମନିବାସ ଯାଦବ, ସଞ୍ଜୟ ମଲ୍ଲିକ, ବାଟୁ ଦାସ, ଶ୍ରୀକାନ୍ତ ଦାସ ଓ ଅନିଲ ଯାଦବ। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସକାଳେ ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା କୋରେଇ ଅଞ୍ଚଳର ତରାପୁର, ପହଙ୍ଗା, ମୁଣ୍ଡମାଳ ଓ କୁଆଖିଆ ଅଞ୍ଚଳର ସାହାପୁର ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ୫ ଜଣ ବ୍ୟକ୍ତି ଦେଶୀମଦ ବିକିବାକୁ ନେଇ ଆସୁଥିବାବେଳେ ଧରାପଡ଼ିଥିଲେ। ଚଢ଼ାଉରେ ଏସ୍‌ଆଇ ଶ୍ରୀକାନ୍ତ କୁମାର ପଣ୍ଡା, ଏସଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ, ମାଳତୀ ମାଝି ଓ ସୁଚିତ୍ରା ନାୟକ ସାମିଲ ହୋଇଥିଲେ।

### ବଡ଼କାଏମା ଆର୍‌ଆଇଙ୍କ ବଦଳିକୁ ବିରୋଧ

କାଏମା,୨୫।୪(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ସର୍କଲର ଆର୍‌ଆଇ ସନ୍ଦୀପ କୁମାର ମହାନ୍ତିଙ୍କ ନେଉଳପୁର ସର୍କଲକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ନେଉଳପୁର ସର୍କଲର ଆର୍‌ଆଇ ଜାଗୃତି ଶତପଥୀଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏହାକୁ ବଡ଼କାଏମା ପଞ୍ଚାୟତର ଗ୍ରାମବାସୀ ବିରୋଧ କରିଛନ୍ତି। ଏପରି କି ବଡ଼କାଏମା ସର୍କଲର ଆର୍‌ଆଇଙ୍କ ବଦଳି ବାତିଲ କରିବାକୁ ସେମାନେ ତହସିଲଦାରଙ୍କୁ ଏକ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

ସୂଚନା ଅନୁସାରେ, ନେଉଳପୁର ସର୍କଲର ଆର୍‌ଆଇ ଶତପଥୀ ସରକାରୀ ନିୟମକୁ ବେଖାତିର କରୁଥିବା ନେଇ ତାଙ୍କ ନାମରେ ଅନେକ ଅଭିଯୋଗ ହୋଇଥିଲା। ଅଭିଯୋଗର ବିଚାର କରି ତହସିଲଦାର ତାଙ୍କୁ ବଦଳି କରିଛନ୍ତି। ମାତ୍ର ଆର୍‌ଆଇ ଶତପଥୀ ଏଠାକୁ ଆସିଲେ ବ୍ୟାପକ ଜନଅସନ୍ତୋଷ ପ୍ରକାଶ ପାଇବା ସହ ସରକାର ଅଯଥାରେ ଜନଅସନ୍ତୋଷର ଶିକାର ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ବଡ଼କାଏମା ପଞ୍ଚାୟତ ଗ୍ରାମବାସୀ କହିଛନ୍ତି, ବଡ଼କାଏମା ଆରଆଇ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ନିଷ୍ଠାର ସହ କାମ କରିଛନ୍ତି। ସେ ଲୋକଙ୍କୁ ଯେଉଁ ସେବା ଯୋଗାଉଛନ୍ତି, ସେଥିରେ ସ୍ଥାନୀୟ ଅଞ୍ଚଳ ଦଳମତ ନିର୍ବିଶେଷରେ ସମସ୍ତେ ସନ୍ତୁଷ୍ଟ। ତାଙ୍କୁ ବଦଳି କରାଗଲେ ଏଠାରେ ବହୁ କାମ ସରକାରଙ୍କ ବ୍ୟାଘାତ ହେବ। ତେଣୁ ତାଙ୍କୁ ଆଉ କିଛି ଦିନ ଏଠାରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯିବା ଆବଶ୍ୟକ।

# ଜାରକା ବସ୍‌ଷ୍ଟାଣ୍ଡରେ ନାହିଁ ବିଶ୍ରାମାଗାର

- ଖରାରେ ଆଉଟୁ ପାଉଟୁ ଯାତ୍ରୀ
- ତୁରନ୍ତ ବିଶ୍ରାମାଗାର ନିର୍ମାଣ ଦାବି

କାଏମା,୨୫।୪(ଶିବପ୍ରସାଦ ମହାନ୍ତି):


ଜାରକା ବସ୍‌ଷ୍ଟାଣ୍ଡରେ ଖରାରେ ଠିଆହୋଇ ଲୋକେ ବସ୍‌କୁ ଅପେକ୍ଷା କରିଛନ୍ତି।

ଜାରକା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମଗୋର ନିର୍ମାଣ ହୋଇ ପାରୁନାହିଁ। ଫଳରେ ଯାତ୍ରୀମାନେ ଖରାରେ ଆଉଟୁପାଉଟୁ ହେଉଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁ ଘରରୁ ବାହାର ସବୁଠି ତାତି ଥିବାବେଳେ ଜାରକା ବସ ଷ୍ଟାଣ୍ଡକୁ ଆସୁଥିବା ଲୋକେ ଛଟପଟ ହେଉଛନ୍ତି। କୌଣସି ସ୍ଥାନକୁ ଯିବା ପାଇଁ ଯାତ୍ରୀଙ୍କୁ ଏଠାରେ ପ୍ରବଳ ଖରାରେ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏହାକୁ ନେଇ ଯାତ୍ରୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଶୀଘ୍ର ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ଦାବି ହୋଇଛି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଯାଜପୁର ଜିଲାର ପ୍ରମୁଖ ଅଞ୍ଚଳରେ ଗଣତି ହୋଇଥିବାବେଳେ କିଛି ଦିନ ତଳେ ଏହା ଏନ୍‌ଏସିର ମାନ୍ୟତା ମଧ୍ୟ ପାଇଛି। ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପ କ୍ଷେତ୍ରରେ ଏହା ବହୁ ପାଦ ଆଗକୁ ବଢ଼ିଥିଲେ ମଧ୍ୟ ଅନେକ ସମସ୍ୟା ରହିଛି। ଏହା ମଧ୍ୟରେ ଜାରକାରେ ଥିବା ବସଷ୍ଟାଣ୍ଡ ଅନ୍ୟତମ ସମସ୍ୟା। ଏହି ସମସ୍ୟା ଦୀର୍ଘବର୍ଷର ହୋଇଥିଲେ ବି ସମାଧାନ ହୋଇପାରୁନାହିଁ। ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

ରୋଗୀ ହୁଅନ୍ତୁ କି ବ୍ୟବସାୟୀ, ସମସ୍ତେ ଏହି ସ୍ଥାନରୁ ନିଜର ଗନ୍ତବ୍ୟସ୍ଥଳକୁ ଯିବାକୁ ଆସିଥାନ୍ତି। ତେଣୁ ଏଠାରେ ସବୁ ସମୟରେ ଭିଡ଼ ଜମିଥାଏ। କଲେଜ ଛାତ୍ରୀଛାତ୍ର ମଧ୍ୟ ବସ୍‌ରେ ଯିବାକୁ ଏଠାରେ ଅପେକ୍ଷା କରିଥାନ୍ତି। ହେଲେ ବିଶ୍ରାମଗାର ନ ଥିବାରୁ ଖରା ବର୍ଷାଦାଉରୁ ନିଜକୁ ରକ୍ଷା କରିବା ପାଇଁ କେତେଜଣ କାହା ଦୋକାନ ତଳେ ଛିଡ଼ା ହୋଇଥାନ୍ତି। ସେଥିପାଇଁ କିଛି ଦୋକାନୀଙ୍କଠାରୁ ଅନେକ କଥା ମଧ୍ୟ ଶୁଣିବାକୁ ପଡ଼ିଥାଏ। ଏହି କାରଣରୁ ଅନେକ ଯାତ୍ରୀ ଖରାବର୍ଷାରେ ବସକୁ ଅପେକ୍ଷା କରୁଥିବା କହିଛନ୍ତି। ସେହିପରି ଏଠାରେ ଫ୍ଲାଏଓଭର ବ୍ରିଜ୍ ହେବା ପରେ ଆଉ ଏକ ସମସ୍ୟା ମୁଣ୍ଡ ଟେକିଛି। ଅନେକ ବସ ଫ୍ଲାଏଓଭର ବ୍ରିଜ୍ ଉପର ଦେଇ ଯାତାୟାତ କରୁଛି। ଅଳ୍ପ ସଂଖ୍ୟକ ବସ ଫ୍ଲାଏଓଭର ବ୍ରିଜ୍ ତଳ ରାସ୍ତାରେ ଯାଉଛି। ଫ୍ଲାଏଓଭର ବ୍ରିଜ୍ ଉପର ଦେଇ ଯାଉଥିବା ବସଗୁଡ଼ିକ ତାହାର ଆରମ୍ଭରେ ଯାତ୍ରୀଙ୍କୁ ଛାଡି ଚାଲିଯାଉଛି। ଫଳରେ ଯେଉଁ ଯାତ୍ରୀମାନେ ଛୋଟ ପିଲା ଓ ସାଙ୍ଗରେ ବ୍ୟାଗ ଧରି ଆସିଥାନ୍ତି, ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ବ୍ଲକ ଅଞ୍ଚଳର ଯାତ୍ରୀ ରିଙ୍କିଶ୍ରୀ ଓଝା କହିଛନ୍ତି, ତାଙ୍କ ପୁଅର ଦେହ ଖରାପ। ତେଣୁ ସେ ତାକୁ ଧରି ବସ ଯୋଗେ ଧର୍ମଶାଳା ମେଡିକାଲକୁ ଆସିଥିଲେ। ଯିବା ପାଇଁ ବହୁ ସମୟ ଧରି ଖରା ଗରମରେ ଅପେକ୍ଷା କରିଥିଲେ। ଯାତ୍ରୀ ବିଶ୍ରାମାଗାର ଥିଲେ ତାଙ୍କୁ କିଛି ଅସୁବିଧା ହୋଇ ନ ଥାନ୍ତା। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଏଠାରେ ଚେୟାର କିଛି ପଡ଼ିଛି। ହେଲେ ଖରାରେ ସେଥିରେ ବସିବା ସମ୍ଭବ ହେଉନାହିଁ। ପ୍ରଶାସନ ଶୀଘ୍ର ଯାତ୍ରୀ ବିଶ୍ରାମାଗାର ନିର୍ମାଣ କଲେ ଯାତ୍ରୀଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# ତେଲ, ଡାଲି ପରେ ଆଳୁ ଦର ବଢ଼ିଲା

ବ୍ରହ୍ମବରଦା,୨୫।୪(ଯଯାତି କେଶରୀ ବେହେରା):

ତେଲ, ଡାଲି, ଅଦା, ରସୁଣ ଓ ପିଆଜ ପରେ ଆଳୁ ଦର ବୃଦ୍ଧି ପାଇଛି। କିଛି ଦିନ ଭିତରେ ଆଳୁର ଖାଉଟିଦର ଦେଢ଼ଗୁଣା ବଢ଼ିଛି। ଫଳରେ ଏହାକୁ ନେଇ ଖାଉଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଳୁ କିଲୋ ପିଛା ୨୮ରୁ୩୦ଟଙ୍କାରେ ବିକ୍ରି ହେଉଛି। ୧୫ ଦିନ ତଳେ ଆଳୁ ପିଲୋ ପିଛା ୨୦ ଟଙ୍କାରେ ବିକ୍ରି କରାଯାଉଥିଲା। କିନ୍ତୁ ବର୍ତ୍ତବାନ ଏହା ଅହେତୁକ ବୃଦ୍ଧି ଯୋଗୁ ଗରିବ ଖଟିଖିଆ ଲୋକେ ଆବଶ୍ୟକଠାରୁ କମ ପରିମାଣର ଆଳୁ କିଣୁଛନ୍ତି। ଆଳୁ ଏକ ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥ ହୋଇଥିବାରୁ ଗରିବ ଓ ମଧ୍ୟବିତ୍ତ ପରିବାର ଉପରେ ସିଧାସଳଖ ପ୍ରଭାବ ପକାଉଥିବା ଦେଖିବାକୁ ମିଳିଛି।

ଯାଜପୁର ଜିଲା ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଗ୍ରାମରେ ହେଉଥିବା ସାପ୍ତାହିକ ହାଟରେ ଆଳୁ କିଲୋ ପିଛା ୨୮ ରୁ ୩୦ଟଙ୍କା ବିକ୍ରି କରାଯାଉଛି। ଏଥିରୁ ଜଣାପଡୁଛି ରାଜ୍ୟରେ ୨୦୧୫ରେ ଆରମ୍ଭ ହୋଇଥିବା ଆଳୁ ମିଶନ ଫେଲ ମାରିଛି। ଆଳୁ ପାଇଁ ରାଜ୍ୟ ସରକାର ୨୦୧୫-୧୬ରେ ୩୫, ୧୬-୧୭ରେ ୪୫, ୧୭-୧୮ରେ ୩୨ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିଲେ। ଆଳୁ ମିଶନ ପୂର୍ବରୁ ରାଜ୍ୟରେ ୨୭ ଶୀତଳ ଭଣ୍ଡାରଥିଲା। ଯାହାର ସଂରକ୍ଷଣ କ୍ଷମତା ୧ଲକ୍ଷ ୩୨ହଜାର ମେଟ୍ରିକ ଟନ୍ ଥିଲା। ରାଜ୍ୟରେ ୨୦୧୫-୧୬ରେ ୩.୦୨ ଲକ୍ଷ ମେଟ୍ରିକ ଟନ୍, ୧୭-୧୮ରେ ୨.୯୮ଲକ୍ଷ ମେଟ୍ରିକ ଟନ୍, ୧୮-୧୯ରେ ୨.୯୦ଲକ୍ଷ ମେଟ୍ରିକ ଟନ୍, ୧୯-୨୦ରେ ୨.୯୪ଲକ୍ଷ ମେଟ୍ରିକ ଟନ୍ ଏବଂ ୨୦-୨୧ରେ ୩.୦୯ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଛି। ଏନେଇ ବ୍ରହ୍ମବରଦା ଅଞ୍ଚଳର ଆଳୁ ବ୍ୟବସାୟୀ ଅରୁଣ କୁମାର ବେହେରାଙ୍କୁ ପଚାରିବାରୁ ଚଳିତ ବର୍ଷ ଆଳୁ ଉତ୍ପାଦନ ହ୍ରାସ ସହିତ ରାଜ୍ୟରେ ଥିବା ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଅଭାବ ଆଳୁ ଦର ବୃଦ୍ଧିର ମୁଖ୍ୟକାରଣ ବୋଲି କହିଛନ୍ତି। ରାଜ୍ୟରେ ଆଳୁ ଚାହିଦା ମେଣ୍ଟାଇବା ପାଇଁ ପଶ୍ଚିମବଙ୍ଗରୁ ଆଳୁ ଆମଦାନି ମଧ୍ୟ ଦର ବୃଦ୍ଧିର କାରଣ ବୋଲି ସେ ପ୍ରକାଶ କରିଛନ୍ତି। ଖାଉଟି ନିରାକାର ବେହେରାଙ୍କୁ ମତାମତ ନେବାରୁ ସେ କହିଛନ୍ତି, ଆମ ଓଡ଼ିଆ ରୋଷେଇ ଘରର ଆଳୁ ଏକ ମୁଖ୍ୟ ଖାଦ୍ୟ। ତେବେ ତାର ଦାମ ବଢ଼ିଯିବାରୁ କେଜିଏ ନେବା ଜାଗାରେ ୫୦୦ ଗ୍ରାମ୍ ନେଉଛୁ। ଫଳରେ ପରିବାରର ଗୁଜୁରାଣ ମେଣ୍ଟଇବାରେ ଅସୁବିଧା ହେଉଛି।

# ପୂର୍ଣ୍ଣାହୁତି ଦିବସରେ ମା'ଙ୍କ ସରସ୍ୱତୀ ବେଶ

**ମା' ହିଙ୍ଗୁଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ଓ ଚଇତି ଯାତ**

ରସୁଲପୁର,୨୫।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଓ ଗନ୍ଧଣ ପଞ୍ଚାୟତ ସୀମାନ୍ତବର୍ତ୍ତୀ ଅଞ୍ଚଳର ବଇଁଚ ପଡ଼ିଆରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ହିଙ୍ଗୁଳାଙ୍କ ୬୫ତମ ବାର୍ଷିକ ଯଜ୍ଞ ଉତ୍ସବ ଓ ଚଇତି ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଛି। ପୂର୍ଣ୍ଣାହୁତି ଦିବସରେ ମା' ହିଙ୍ଗୁଳା ଭକ୍ତଙ୍କୁ ସରସ୍ୱତୀ ବେଶରେ ଦର୍ଶନ ଦେଇଛନ୍ତି। ସ୍ୱେତବସ୍ତ୍ରଧାରୀ ମା'ଧବଳ ମୁଖିଙ୍କ ଅନୁପମ ବେଶଭୂଷା, ଆଭୂଷଣ ଅତ୍ୟନ୍ତ ମନୋରମଥିଲା। ଶ୍ରଦ୍ଧାଳୁ ମା'ଙ୍କ ଅପୂର୍ବ ବେଶ ଦେଖି ଅଭିଭୁତ ହୋଇଉଠିଥିଲେ। ପୂର୍ଣ୍ଣାହୁତିରେ ଯଜ୍ଞକୁଣ୍ଡରେ ଶେଷ ଆହୁତି ଓ ପୂଜାବିଧିକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ପ୍ରାତଃରୁ ମା'ଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ ମାଜଣା ପରେ ବଡ଼ସିଂହାର ବେଶରେ ପୂଜା କରାଯାଇଥିଲା। ସକାଳ ଧୂପ ଓ ଭୋଗ ଆଦି ଅର୍ପଣ ପରେ ମା'ଙ୍କ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସେବକମାନେ ଭଣ୍ଡାର ଘରୁ ମା'ଙ୍କ ଅଳଙ୍କାର, ଅଙ୍ଗବସ୍ତ୍ର ଆଣି ବେଢ଼ାରେ ପହଞ୍ଚାଇଥିଲେ। ମା' ହିଙ୍ଗୁଳା ସରସ୍ୱତୀ ବେଶ ଧାରଣ କରିବା ପରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ମା'ଙ୍କ ନିକଟରେ ନୀତିଭୋଗ ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଭକ୍ତଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା। ସକାଳ ଓ ସନ୍ଧ୍ୟା ଆଳତିରେ ଭକ୍ତମାନଙ୍କ ବିଶେଷ ସମାବେଶ ହୋଇଥିଲା। ଭଜନ ସଂକୀର୍ତ୍ତନ ସାଙ୍ଗକୁ ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ବାଦ୍ୟରେ ମନ୍ଦିର ବେଢ଼ା ପ୍ରକମ୍ପିତ ହୋଇଉଠିଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ମେଲୋଡି ଓ ରାତିରେ ଦର୍ଶକମାନଙ୍କ ମନୋରଞ୍ଜନ ସକାଶେ ଯାତ୍ରା ପରିବେଷଣ କରାଯାଇଥିଲା। ଏଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଉଦୀୟମାନ ଯୁବକ ଓ ହିଙ୍ଗୁଳା ପୂଜା କମିଟି ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା।


ମା' ହିଙ୍ଗୁଳାଙ୍କ ସରସ୍ୱତୀ ବେଶ।

### ୨୮ରେ ମଧୁମେହ ରୋଗ ପରୀକ୍ଷା ଶିବିର

ଧର୍ମଶାଳା,୨୫।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଶାନ୍ତି ବଜାର ନିକଟ ସାର୍ଥକ ହସପିଟାଲ ପକ୍ଷରୁ ଆସନ୍ତା ୨୮ ତାରିଖ ରବିବାର ସକାଳ ୮ରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ମାଗଣା ମଧୁମେହ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ମଧୁମେହ ରୋଗୀମାନେ ଏହାର ସୁଯୋଗ ନେବା ପାଇଁ ହସପିଟାଲର ପ୍ରତିଷ୍ଠାତା ଡାକ୍ତର ସାର୍ଥକ ଶତପଥୀ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି।

### ଧର୍ମଶାଳା ଯୁବ ବିଜେଡିର ବୁଥ୍‌ସ୍ତରୀୟ ବୈଠକ

ଧର୍ମଶାଳା,୨୫।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ବୁଥସ୍ତରୀୟ ସଭାପତିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାଭିମୁଖୀ ଯୋଜନା ଓ ଉନ୍ନୟନମୂଳକ କାମ ଉପରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିସହିତ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରାଇ ଏହି ସନ୍ଦେଶ ଘରେଘରେ ପହଁଚାଇବା ପାଇଁ ଯୁବ ବିଜେଡି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ନିର୍ବାଚନମଣ୍ଡଳୀର ସମସ୍ତ ୨୬୪ ବୁଥର ସଭାପତି ଉପସ୍ଥିତ ଥିଲେ।

# ବିଶ୍ୱରଞ୍ଜନଙ୍କ ପ୍ରଚାରରେ ସାମିଲ ହେଲେ ସୁନନ୍ଦାଙ୍କ ସମର୍ଥକ


ସମର୍ଥକଙ୍କ ସହ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ପ୍ରଚାର ଅଭିଯାନରେ ବାହାରିଛନ୍ତି।

ବରୀ,୨୫।୪(ମହେନ୍ଦ୍ର ସ୍ୱାଇଁ):

ବରୀ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଗୁରୁବାର ଗୋଳକୁଣ୍ଡସ୍ଥିତ ବଟ ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏଥିରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସଂଗଠନ ସହ ଜଡ଼ିତ ଥିବା ସରପଞ୍ଚ, ସମିତିସଭ୍ୟ ଓ ବହୁ ଆଗ ଧାଡ଼ିର ବରିଷ୍ଠ ବିଜେଡି କର୍ମକର୍ତ୍ତା ସାମିଲ ହୋଇଛନ୍ତି। ପ୍ରଚାରରେ ବରୀ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ୨୧ନଂ. ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଉପଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ସନ୍ତୋଷ କୁମାର ସାମଲ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ବାଲିଆ ସରପଞ୍ଚ ରେବତୀ ଜେନା, ପ୍ରାକ୍ତନ ସରପଞ୍ଚ ଗୋବିନ୍ଦ ଜେନା, ଶରତ ଜେନା, ସମିତି ସଭ୍ୟା ପ୍ରିୟଙ୍କା ମଲ୍ଲିକ, ଗୋଳକୁଣ୍ଡ ସରପଞ୍ଚ ସବିତା ବେହେରା, ପ୍ରାକ୍ତନ ସରପଞ୍ଚ ବୀରେନ୍ଦ୍ର ମିଶ୍ର, ପ୍ରାକ୍ତନ ସରପଞ୍ଚ ବିଜୟ ନାୟକ, ଉଦୟନାଥପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ସାମଲ, ଯୁବ ସାମାଜିକ କର୍ମୀ ରତିରଞ୍ଜନ ଜେନା ଓ ଅମର ଜେନା ପ୍ରମୁଖ ସାମିଲ ହୋଇ ବିଶ୍ୱଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି।

# ଗ୍ରୀଷ୍ମ ପ୍ରବାହ ଯୋଗୁ ରାସ୍ତାଘାଟ ଶୂନ୍‌ଶାନ୍

କାଏମା,୨୫।୪(ଶିବପ୍ରସାଦ ମହାନ୍ତି):

ସାରା ରାଜ୍ୟରେ କଲବଲ କରୁଛି ତାତି। ଏଥିସହିତ ଭିଷଣ ଗୁଳୁଗୁଳି ଅନୁଭୂତ ହେଉଛି। ଏହାର ପ୍ରକୋପରେ ମଣିଷଠାରୁ ଜୀବଜନ୍ତୁ ସମସ୍ତେ ଛଟପଟ ହେଉଛନ୍ତି। ଏହାର ଝଲକ ଯାଜପୁର ଜିଲାର ଧର୍ମଶାଳା ଅଞ୍ଚଳରେ ବେଶ ଅନୁଭୂତ ହେଉଛି। ପୂର୍ବାହ୍ନ ୧୦ଟାରୁ ସିଭିୟର ହିଟ ୱେଭ ବା ଭୀଷଣ ଗ୍ରୀଷ୍ମ ପ୍ରବାହ ସ୍ଥିତି ଲାଗି ରହିବା ସହ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଫଳରେ ବଜାର ଘାଟରେ ବ୍ୟବସାୟୀଙ୍କୁ ଛାଡ଼ିଲେ ରାସ୍ତାଘାଟ ଶୂନଶାନ ହୋଇଯାଉଛି।

ବ୍ଲକ ଅନ୍ତର୍ଗତ କାଏମା ଅଞ୍ଚଳରେ ସମାନ ସ୍ଥିତି। ପ୍ରତ୍ୟେକ ସପ୍ତାହରେ ଦୁଇ ଦିନ ଏଠାରେ ହାଟ ବସିଥାଏ। ହାଟକୁ ସ୍ଥାନୀୟ ଅଞ୍ଚଳର ଚାଷୀ ପନିପରିବା ଧରି ଆସୁଥିବାରୁ ଏହାକୁ କିଣିବା ପାଇଁ ଲୋକଙ୍କ ମଧ୍ୟରେ ବେଶ ଆଗ୍ରହଥାଏ। ସେଥିପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗି ରହିଥାଏ। କିନ୍ତୁ ଅସମ୍ଭାଳ ତାତି ଯୋଗୁ ହାଟ ମଧ୍ୟ ଶୂନଶାନ ଥିବା ଦେଖାଯାଇଛି। ଚାଷୀ ଓ ବ୍ୟବସାୟୀ ଜରି ପାଲ ତଳେ ଗରମରେ ଗ୍ରାହକଙ୍କୁ ଅନାଇ ବସି ରହିଥିବା କହିଛନ୍ତି। ହାଟରେ ବେପାର କରୁଥିବା ମନୋଜ ସାହୁ ଓ ପ୍ରଦୀପ୍ତ ସାହୁ କହିଛନ୍ତି, ସକାଳ ୮ଟାରୁ ତାତି ବଢ଼ିବା ସହ ମଧ୍ୟାହ୍ନରେ ଝାଞ୍ଜି ପବନ ବହୁଛି। ଛକବଜାର ଶୂନଶାନ ରହୁଥିବାବେଳେ ବେପାର ପ୍ରଭାବିତ ହେଉଛି। ସନ୍ଧ୍ୟା ହେଲେ ବି ଅସହ୍ୟ ଗୁଳିଗୁଳିରେ ପୋଡ଼ିଯାଉଛି ଦେହମୁଣ୍ଡ। ହାଟ ଉପରେ ସେମାନଙ୍କ ପରିବାର ନିର୍ଭର କରେ। ପରିବାର ଚଳିବା ପାଇଁ କଷ୍ଟ ହେଉ ପଛେ ବସିବାକୁ ପଡୁଛି। ଅନ୍ୟପକ୍ଷରେ ଏଠାରେ ପ୍ରଶାସନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇନାହିଁ। କିଛି ପଞ୍ଚାୟତକୁ ଛାଡି ଦେଲା ପରେ ଅନେକ ପଞ୍ଚାୟତ କିମ୍ବା ହାଟ ବଜାରରେ କୌଣସି ଜଳଛତ୍ର ଖୋଲାଯାଇ ନ ଥିବା ଦେଖିବାକୁ ମିଳୁଛି। ଖରା ଗରମକୁ ଦୃଷ୍ଟିରେ ରଖି ପ୍ରଶାସନିକସ୍ତରରେ ବିଭିନ୍ନ ଛକବଜାରରେ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହୋଇଛି।


ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁ ପୂର୍ବାହ୍ନ ୧୦ଟାରୁ ରାସ୍ତା ଶୁନଶାନ ହୋଇପଡ଼ିଛି।

# ଜାତୀୟ ପଞ୍ଚାୟତିରାଜ ଦିବସ

**ଯୋଗଦେଲେ ସରପଞ୍ଚ ସ୍ମୃତିରେଖା**

ରସୁଲପୁର,୨୫।୪(ରଂଜିତ ରାଉତ):

ଭୁବନେଶ୍ୱର ମୈତ୍ରୀ ବିହାରସ୍ଥିତ ସାଂଶ୍ରୀପ୍ତି ସେମିନାର କକ୍ଷରେ ୩୧ତମ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତର ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ଗବେଷଣା ଚକ୍ର, ଡିଆର୍‌ଆଇ(ଡାଇରେକ୍ଟୋରି ଅଫ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ), ଆଇଏସ୍‌ଏସ (ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ), ସାଂଶ୍ରୀପ୍ତି ପଞ୍ଚାୟତ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ମିଳନୀରେ ପଞ୍ଚାୟତରେ ମହିଳା ପ୍ରତିନିଧିଙ୍କ ୩୧ବର୍ଷ: ସମସ୍ୟା ଓ ଆହ୍ୱାନଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ ୨ଥର ନିର୍ବାଚିତ ହୋଇଥିବା ଓ ପ୍ରତିଥର ଜନସମର୍ଥନ ବୃଦ୍ଧି ପାଇଥିବା ଯୋଗ୍ୟତା ଆଧାରରେ ଅନୁଷ୍ଠାନ ପକ୍ଷରୁ ସରପଞ୍ଚ ରାଉତଙ୍କୁ ଏହି ଆଲୋଚନାଚକ୍ରରେ ଯୋଗଦେବାକୁ ସୁଯୋଗ ଦିଆଯାଇଥିଲା। ମହିଳା ସରପଞ୍ଚମାନେ ପଞ୍ଚାୟତରେ କାର୍ଯ୍ୟ କରିବା ସମୟରେ କ'ଣ ଅସୁବିଧା ଉପୁଜୁଛି ଓ ତା'ର ନିରାକରଣ ପାଇଁ କି ସବୁ ପଦକ୍ଷେପ ନିଆଯାଇ ପାରିବ ତା'ଉପରେ ଆଲୋଚନା କରାଯାଇଥିଲା। ମହିଳାମାନଙ୍କୁ ସଶକ୍ତ କରିବାରେ କ'ଣ ଅସୁବିଧା ରହୁଛି, କେଉଁ ଦିଗପ୍ରତି ଧ୍ୟାନ ଦିଆଗଲେ ତାହା ଦୂର ହୋଇପାରିବ ସେ ନେଇ ମତପ୍ରକାଶ ପାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସରପଞ୍ଚମାନେ ଏଥିରେ ଅଂଶଗ୍ରହଣ କରି ମତ ରଖିଥିଲେ।

ଗବେଷଣା ସଂସ୍ଥାର ନିର୍ଦ୍ଦେଶିକା ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଗବେଷଣାଚକ୍ରର ସଭାପତି ବିଜୟ ବହିଦାର, ସାଂଶ୍ରୀପ୍ତିର ମୁଖ୍ୟ ଆଶା ହିଂସ, ଦିଲ୍ଲୀ ୟୁନିଭର୍ସିଟିର ପଞ୍ଚାୟତିରାଜ ବିଶେଷଜ୍ଞ ବିଶ୍ୱବିଜୟିନୀ ନନ୍ଦ, ରାଜନୀତି ବିଜ୍ଞାନ ପ୍ରଫେସର ନୂପୁର ରାୟ, ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶର ରାଜ୍ୟ ସଂଯୋଜକ ନିରାକାର ବେହେରା, ଲୋକବିକାଶ ସଂସ୍ଥାର ସମ୍ପାଦକ ସେକ୍ ସଫିକ୍, ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶର ଯାଜପୁର ଜିଲା ସଂଯୋଜକ ଦେବବ୍ରତ ରାଉତ, ପଞ୍ଚାୟତିରାଜ ବିଭାଗର ପ୍ରଶିକ୍ଷକ ବିନୋଦ ବିହାରୀ ମହାପାତ୍ର, ସାମାଜିକକର୍ମୀ ତାପସୀ ପ୍ରହରାଜ, କନକଲତା ଭଞ୍ଜ, ନିରୁପମା ରଥ, ସୁଜାତା ମଲିକ ଓ ସୁଧାଂଶୁ ଶେଖର ନାୟକଙ୍କ ସମେତ ବହୁ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ପ୍ରଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀ ୟୁନିଭର୍ସିଟିର ରାଜନୀତି ବିଜ୍ଞାନୀ ତଥା ପଞ୍ଚାୟତିରାଜ ବ୍ୟବସ୍ଥାର ବିଶେଷଜ୍ଞ ମନୋରଞ୍ଜନ ମହାନ୍ତି, ବିଦ୍ୟୁତ୍ ମହାନ୍ତି ଓ ଜର୍ଜ ମାଥ୍ୟୁସ୍ ପ୍ରମୁଖ ଅତିଥି ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଭାସୀ ମାଧ୍ୟମରେ ସମ୍ମିଳନୀ କକ୍ଷରେ ଯୋଗଦେଇଥିବା ବିଶେଷଜ୍ଞ ଓ ସାମାଜିକକର୍ମୀମାନେ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ସହିତ ପଞ୍ଚାୟତ ଏବଂ ଗ୍ରାମୀଣ ବିକାଶ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରତିନିଧିମାନେ ପ୍ରଶ୍ନର ଉତ୍ତର ରଖିବା ସହ ପଞ୍ଚାୟତରେ ତା'ର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।


ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଲଢ଼େଇରେ ନୂଆ ବନାମ ଅଭିଜ୍ଞ

## ଆଳି ବିଧାନସଭା ନିର୍ବାଚନମଣ୍ଡଳୀ

### ସୁଶ୍ରୀ ଦେବୀ ଥିଲେ ଶେଷ ମହିଳା ବିଧାୟିକା

ରାଜକନିକା,୨୫।୪
(ସଞ୍ଜୟ କୁମାର ଦାଶ)



କେନ୍ଦ୍ରାପଡ଼ା ଜିଲାର ଶେଷ ସୀମା ହେଉଛି ଆଳି ନିର୍ବାଚନମଣ୍ଡଳୀ। ରାଜକନିକାର ୨୯ଟି ପଞ୍ଚାୟତ ଓ ଆଳିର ୩୪ଟି ପଞ୍ଚାୟତକୁ ମିଶାଇ ଆଳି ନିର୍ବାଚନମଣ୍ଡଳୀ ଗଠିତ। ଏହି ନିର୍ବାଚନମଣ୍ଡଳୀରେ ସବୁବେଳେ ରୋଚକ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ। ତେବେ ଏଠାରେ ମହିଳା ପ୍ରାର୍ଥୀଙ୍କ ଅପେକ୍ଷା ପୁରୁଷ ପ୍ରାର୍ଥୀ ଅଧିକ ଥର ବିଧାୟକ ହୋଇଛନ୍ତି। ୧୯୫୭ରେ ଆଳି ରାଜ ପରିବାରରୁ ମାତା ରାମରାଜ କୁମାରୀ ପ୍ରଥମଥର ପାଇଁ ବିଧାୟିକା ପ୍ରାର୍ଥୀ ହୋଇଥିଲେ। ୧୯୯୦ ଓ ୧୯୯୫ ମସିହାରେ ରାଜମାତା ସୁଶ୍ରୀ ଦେବୀ, ୨୦୦୯ରେ ପ୍ରଭାତି ସାହୁ, ୨୦୧୪ରେ ପ୍ରମିଳା ସାମଲ, ୨୦୧୯ରେ ସୁଜାତା ବାରିକ୍ ପ୍ରମୁଖ ବିଧାନସଭା ନିର୍ବାଚନ ରଣାଙ୍ଗନରେ ବିଧାୟିକା ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିଲେ। ହେଲେ ସେ ସମୟରେ ରାଜମାତା ସୁଶ୍ରୀ ଦେବୀଙ୍କର ଦବଦବା ଥିଲା। ୨୦୨୪ରେ ବାପାଙ୍କ ସ୍ଥାନରେ ନବାଗତ ପ୍ରତିଭା ଡା. ଦେବସ୍ମିତା ଶର୍ମାଙ୍କୁ କଂଗ୍ରେସ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିବାକୁ ଆଶା ରଖିଛି। ତେବେ ଏହି ନିର୍ବାଚନମଣ୍ଡଳୀରେ ସାଧାରଣତଃ କଂଗ୍ରେସ ଓ ବିଜେଡି ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହେଉଥିଲା। ୨୦୧୯ରୁ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିଥିଲା। ସେଥିମଧ୍ୟରୁ ବିଜେଡିର ମନ୍ତ୍ରୀ ପ୍ରତାପ କେଶରୀ ଦେବ ୯୯,୮୩୭ ଖଣ୍ଡ ଭୋଟ ହାତେଇ ଜିତିଥିବା ବେଳେ, କଂଗ୍ରେସର ଦେବେନ୍ଦ୍ର ଶର୍ମା ୪୩,୯୮୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଏବଂ ପୁରୁଖା ନେତା ତଥା ଭାଜପାର ଦୋଳଗୋବିନ୍ଦ ନାୟକ ୨୬,୪୮୭ ଖଣ୍ଡ ଭୋଟ ପାଇଥିଲେ।


ପ୍ରତାପ କେଶରୀ ଦେବ।


କୃଷ୍ଣଚନ୍ଦ୍ର ପଣ୍ଡା


ଦେବସ୍ମିତା ଶର୍ମା।

ପ୍ରତାପ କେଶରୀ ଦେବ ଅଧିକ ୫୫,୮୫୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ତେବେ ଚଳିତଥର ନୂଆ ବନାମ ଅଭିଜ୍ଞତାର ଲଢ଼େଇ ବଡ଼ ରୋଚକ ପରିସ୍ଥିତିରେ ହେବ। ବିଜେଡିର ୧୯ ବର୍ଷର ବିଧାୟକ ଅଭିଜ୍ଞତାସମ୍ପନ୍ନ ମନ୍ତ୍ରୀ ଦେବ ବିଭିନ୍ନ ଲୋକାଭିମୁଖୀ ଯୋଜନା ସହ ନବୀନଙ୍କ ସ୍ୱଚ୍ଛ ଶାସନର ବିଗତ ୫ ପାଳିର ସଫଳତାର ପୂର୍ତ୍ତିକୁ ନେଇ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି। କଂଗ୍ରେସ ନୂଆମୁହଁ ଭାବେ ମହିଳା ପ୍ରାର୍ଥୀ ଡା. ଦେବସ୍ମିତାଙ୍କୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଛି। ବିଗତ ବର୍ଷରେ ବିଜେଡିର ବିଫଳତା ସହ କଂଗ୍ରେସର ଗ୍ୟାରେଣ୍ଟି କାର୍ଡକୁ ନେଇ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି ଡା. ଦେବସ୍ମିତା ଶର୍ମା। ସେହିପରି ଭାଜପାରୁ ନବାଗତ କୃଷ୍ଣଚନ୍ଦ୍ର ପଣ୍ଡା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ, ମୋଦି ଗ୍ୟାରେଣ୍ଟି ସହ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାଗୁଡ଼ିକୁ ରାଜ୍ୟ ସରକାର ହାଇଜାକ୍ କରି ନିଜ ନାଁରେ କରି ବାହା ବା ନେଉଛନ୍ତି। ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦେବାକୁ ଜନସାଧାରଣଙ୍କୁ ବୁଝେଇବାକୁ ପ୍ରୟାସ କରୁଛନ୍ତି। ତେବେ ଚତୁର୍ଥ ପ୍ରାର୍ଥୀ ପର୍ଶୁରାମ ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ଉଭା ହେବାର ସମ୍ଭାବନା ଥିବାବେଳେ, ସେ ପରିବର୍ତ୍ତନ ଆହ୍ୱାନ ସହ କନିକା ପୁଅ ଓ ନିଃସ୍ୱାର୍ଥପର ସେବାର କଥାକୁ ନେଇ ଭୋଟରଙ୍କ ନିକଟତର ହେଉଥିବା ଜଣାପଡିଛି। ୨୦୨୪ ନିର୍ବାଚନରେ ଜନମତ କାହା ସପକ୍ଷରେ ଯାଉଛି ଏବଂ ବିଧାୟକ ଶିରିପା କିଏ ପିନ୍ଧୁଛି, ତାହା ସମୟ ହିଁ କହିବ।

## ସଂକ୍ଷେପରେ

### ଭାଜପା ଶକ୍ତି କେନ୍ଦ୍ର ପ୍ରମୁଖ କର୍ମଶାଳା

ମହାକାଳପଡ଼ା, ୨୫।୪
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଭାଜପା ପକ୍ଷରୁ ଶକ୍ତି କେନ୍ଦ୍ର ପ୍ରମୁଖ କର୍ମଶାଳା ବଳିପାଳ ପଞ୍ଚାୟତର ପାତ୍ରଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ବୁଥସ୍ତରୀୟ ସଙ୍ଗଠନ କିପରି ମଜଭୁତ କରାଯିବ ସେଥିପାଇଁ କର୍ମକର୍ତ୍ତାମାନେ ମିଳିତ ହେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପରିଚାଳନା କମିଟି ଗଠନ ଓ ୱାର୍ଡ କମିଟି ଗଠନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ତୃଣମୂଳ ସ୍ତରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିପରି ପହଞ୍ଚିଛି ସେ ସଂକ୍ରାନ୍ତରେ ଆଲୋଚନ କରିଥିଲେ। ଏହି ବୈଠକରେ ସଂଯୋଜକ ସରୋଜ କୁମାର ସାହୁ , ଜୀବନାନନ୍ଦ ସାହୁ, ପ୍ରଦୀପ ସେଠୀ, ସୁକାନ୍ତ ଦାଶ, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଦାସ, ସରପଞ୍ଚ ରଶିକାନ୍ତ ପଲାଇ, ସମିତିସଭ୍ୟ ବ୍ରଜ ସୁନ୍ଦର ରାଉତ, କୃଷ୍ଣପଦ ମଣ୍ଡଳ, ସୌଭାଗ୍ୟ ବାହାଲିଆ, ଦିଲୀପ ବେରା, ମାନସ ମହାନ୍ତିଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଦାଦାଙ୍କ ଶାବଳ ଆକ୍ରମଣରେ ପୁତୁରା ଗୁରୁତର

### ଡେରାବିଶ ପୋଲିସ ଦ୍ୱାରା ଅଭିଯୁକ୍ତ ଗିରଫ

ଡେରାବିଶ, ୨୫।୪(ବେବର୍ତ୍ତା ଅଜୟ ଦାସ)

ଜମିଜମା ବିବାଦକୁ କେନ୍ଦ୍ରକରି ଦୀର୍ଘଦିନଧରି ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ତେବେ ଏହା ଉଗ୍ରରୂପ ନେଇ ମଙ୍ଗଳବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଦାଦାଙ୍କ ଶାବଳ ଆକ୍ରମଣରେ ପୁତୁରା ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଡେରାବିଶ ଥାନା ଅଞ୍ଚଳରେ। ଥାନା ଅନ୍ତର୍ଗତ ପଲେଇ ପଞ୍ଚାୟତ ପୁରୀପଡା ଗ୍ରାମର ଖଗେଶ୍ୱର ବେହେରା ଓ ରମାକାନ୍ତ ବେହେରାଙ୍କ ପରିବାର ମଧ୍ୟରେ ମ ଙ୍ଗଳବାର ଗଣ୍ଡଗୋଳ ଘଟିଥିଲା। ଏହି ଗଣ୍ଡଗୋଳ ଉଗ୍ରରୂପ ନେଇ ରମାକାନ୍ତଙ୍କୁ ଦାଦା ଖଗେଶ୍ୱର ଶାବଳରେ ଆକ୍ରମଣ କରି ଗୁରୁତର କରିଥିଲେ। ବୁଧବାର ବିଳମ୍ବିତ ରାତିରେ ରମାକାନ୍ତଙ୍କ ସ୍ତ୍ରୀ ସୁଲୋଚନା ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ତେବେ ଉଭୟ ପରିବାରଙ୍କ ଜମିଜମା ସଂକ୍ରାନ୍ତୀୟ ବିବାଦକୁ ନେଇ ପୂର୍ବରୁ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ମଙ୍ଗଳବାର ହୋଇଥିବା ଆକ୍ରମଣ ଘଟଣା ଖବର ପାଇବା ପରେ ଗୁରୁବାର ଅପରାହ୍ନରେ ପୋଲିସ ଅଭିଯୁକ୍ତ ଖଗେଶ୍ୱରଙ୍କୁ ପାରାଦୀପ ଥାନା ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ସୁଲୋଚନାଙ୍କ ଅଭିଯୋଗକୁ ଭିତ୍ତିକରି ଗୁରୁବାର ନଂ. ୬୦/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଖଗେଶ୍ୱର ଓରଫ ହୁକାଙ୍କୁ ଆଜି ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଜମିଜମାକୁ ନେଇ ଖଗେଶ୍ୱର ବିଭିନ୍ନ ସମୟରେ ରମାକାନ୍ତଙ୍କ ପରିବାରକୁ ବାରମ୍ବାର ଜୀବନରେ ମାରିଦେବାକୁ ଧମକଚମକ ଦେଉଥିଲେ। ଖଗେଶ୍ୱର ଓ ତାଙ୍କ ସ୍ତ୍ରୀ ଅନିତା ବିଭିନ୍ନ ସମୟରେ ତାଙ୍କ ପରିବାରକୁ ଧମକାଉଥିବା ନେଇ ଅଭିଯୋଗରେ ସୁଲୋଚନା ଦର୍ଶାଇଛନ୍ତି। ତେବେ ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତ ଖଗେଶ୍ୱରଙ୍କୁ ଗିରଫ କରାଯାଇଛି। ଅନିତାଙ୍କୁ ଥାନାରେ ଅଟକ ରଖାଯାଇ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ପ୍ରଦୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ତାଜପୁର ଆଦିବାସୀ ବସ୍ତିରେ ଅଗ୍ନିକାଣ୍ଡ

ପାଣିକୋଇଲି,୨୫।୪(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ତଥା ପଥରପଦା ପଞ୍ଚାୟତର ତାଜପୁର ଆଦିବାସୀ ବସ୍ତିରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ବସ୍ତିର ଲକ୍ଷ୍ମଣ ମୁଣ୍ଡାଙ୍କ ଘରେ ରୋଷେଇ ଚାଲୁଥିବାବେଳେ ଚୁଲିରୁ ନିଆଁ ଲାଗି ତାଙ୍କ ଘର ଜଳିଯାଇଛି। ଘରେ ଥିବା ଧାନ, ଚାଉଳ ସମେତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ବୈତରଣୀ ରୋଡ ଦମକଳ ବାହିନୀ ପହଞ୍ଚିଥିଲେ। ହେଲେ ସେତେବେଳକୁ ସବୁ ପୋଡି ଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ମାନସିକଧାରୀ ମହିଳାଙ୍କ ଡାକମଣ୍ଡା ଭୋଗ


ଚଣ୍ଡୀ ମନ୍ଦିର ପରିସରରେ ମାନସିକଧାରୀ ମହିଳାମାନେ ଚୁଲି ଲଗାଇ ମଣ୍ଡାପିଠା ତିଆରି କରୁଛନ୍ତି।

### ଇନ୍ଦୁପୁର ମା' ଚଣ୍ଡୀଙ୍କ ମନ୍ଦିର ଉତ୍ସବମୁଖର

ଡେରାବିଶ, ୨୫।୪(ବେବର୍ତ୍ତା ଅଜୟ ଦାସ)

ଦେବଦେବୀ ମନ୍ଦିରଗୁଡ଼ିକରେ ବିଭିନ୍ନ ପର୍ବପର୍ବାଣି ଅନୁଷ୍ଠିତ ହେବା ଉତ୍କଳୀୟ ଧର୍ମସଂସ୍କୃତିର ଏକ ପ୍ରତୀକ। ପ୍ରସିଦ୍ଧ ଶକ୍ତିପୀଠ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଙ୍କ ମନ୍ଦିରରେ ଡାକମଣ୍ଡା ଭୋଗ ଏକ ଅନନ୍ୟ ପରମ୍ପରା। ବିରୂପା ନଦୀକୂଳରେ ଅବସ୍ଥିତ ମା' ଚଣ୍ଡୀଙ୍କ ମନ୍ଦିର ଉଭୟ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଭକ୍ତି ଓ ବିଶ୍ୱାସର ପୀଠ ଭାବେ ପ୍ରସିଦ୍ଧିଲାଭ କରିଛି। ବାରମାସରେ ତେରପର୍ବ ମା'ଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଆସୁଥିବାବେଳେ ମହାବିଷୁବ ସଂକ୍ରାନ୍ତି ପରେ ବୈଶାଖର ପ୍ରଥମ ଗୁରୁବାରଠାରୁ ଶେଷ ଗୁରୁବାର ପର୍ଯ୍ୟନ୍ତ ମାନସିକଧାରୀ ମହିଳାଙ୍କ ଡାକମଣ୍ଡା ଭୋଗ ମା'ଙ୍କ ପୀଠକୁ ଚଳଚଞ୍ଚଳ କରିଛି। ମା'ଙ୍କ ଅଲୌକିକତାକୁ ବିଶ୍ୱାସକୁ ନେଇ ମୁଣ୍ଡ ବଦଳରେ ମଣ୍ଡା ଭୋଗ ବୈଶାଖ ମାସର ପ୍ରତ୍ୟେକ ଗୁରୁବାର ହୋଇଥାଏ। ଆଜି ମାସର ଦ୍ୱିତୀୟ ଗୁରୁବାର ଥିବାରୁ ମନ୍ଦିର ବେଢ଼ାରେ ବିଭିନ୍ନ ଅଞ୍ଚଳରେ ମହିଳାମାନେ ସକାଳ ୫ଟାରୁ ମଣ୍ଡାପିଠା ପ୍ରସ୍ତୁତି ପାଇଁ ଭିଡ ଜମାଇଥିଲେ। ଘରେ ଚାଉଳ ଚୂନା ସହ ଅନ୍ୟ ସାମଗ୍ରୀ ପ୍ରସ୍ତୁତ କରି ସକାଳୁ ମନ୍ଦିର ବେଢ଼ାରେ ପହଞ୍ଚି ଚୁଲି ଖୋଳିବା ସହିତ ସାଙ୍ଗରେ ଆଣିଥିବା ନୂଆ ମାଟିହାଣ୍ଡିରେ ଚାଉଳ ଚୂନାକୁ ଜନ୍ତଣି କରି ସେଥିରେ ଛେନା, ନଡିଆ, ଗୁଡରେ ପ୍ରସ୍ତୁତ ପୁରକୁ ଦେଇ ମଣ୍ଡାପିଠା ତିଆରି କରି ମନ୍ଦିର ବେଢା ନିକଟରେ ଥିବା ଏକ ପଡିଆରେ ସମର୍ପି ଦିଆଯାଇଥିଲା। ମା'ଙ୍କ ନିକଟରେ ମାନସିକ କରି ପୁତ୍ର ସନ୍ତାନଟିଏ ଲାଭ କରିଥିବା ଧୂମାତ ଗ୍ରାମର ଶ୍ରୀମତୀ ମହାରଣା କୁହନ୍ତି, ପୁଅକୁ ବର୍ତ୍ତମାନ ୨୧ବର୍ଷ। ଦୀର୍ଘ ୨୧ ବର୍ଷ ହେବ ବୈଶାଖ ମାସର ଗୋଟିଏ ଗୁରୁବାର ମା'ଙ୍କ ନିକଟରେ ମଣ୍ଡାପିଠା ଭୋଗ କରିଆସୁଛି। ପରିବାରର ମଙ୍ଗଳ ପାଇଁ ମାନସିକ କରି ଦୀର୍ଘବର୍ଷ ହେବ ମା'ଙ୍କ ନିକଟରେ ଗୁରୁବାର ଅତି ନିଷ୍ଠା ଓ ଭକ୍ତିର ସହ ମଣ୍ଡାପିଠା ଭୋଗ କରାଯାଉଥିବାରୁ ପରିବାରରେ ସୁଖଶାନ୍ତି ମିଳୁଛି ବୋଲି ଯାଜପୁର ଜିଲାର ମାନସୀ ସାମଲ କହିଛନ୍ତି। ଏଥିସହ ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାରଙ୍କ ତତ୍ତ୍ୱାବଧାନରେ ପୂର୍ବତନ ସରପଞ୍ଚ ବିଜନ ମଲ୍ଲିକ, ସାଗର ଜେନା, ପ୍ରକାଶ ଜେନା, ଦେବାଶିଷ ସାମଲ ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଜଳଛତ୍ର କେନ୍ଦ୍ର ଖୋଲି ଶ୍ରଦ୍ଧାଳୁଙ୍କୁ ଜଳଦାନ କରୁଥିବା ଦେଖିବାକୁ ମିଳିଥିଲା।

## ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାକୁ ଗୁରୁତ୍ୱ

### ନିର୍ବାଚନ ପାଇଁ ପୁନର୍ବାସର ସଚେତନତା ସଭା

କେନ୍ଦ୍ରାପଡ଼ା, ୨୫।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଆସନ୍ତା ଜୁନ ୧ତାରିଖରେ ହେବ। ଏହାପୂର୍ବରୁ ସହରର ମାଧପୁରସ୍ଥ ସ୍ୱେଚ୍ଛାସେବୀ ସଙ୍ଗଠନ ପୁନର୍ବାସ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁଗମ ନିର୍ବାଚନ ଓ ଭିନ୍ନକ୍ଷମଙ୍କ ଗଣତାନ୍ତ୍ରିକ ଅନ୍ତର୍ଭୁକ୍ତି ଶୀର୍ଷକରେ ଅତିଥିମାନେ ମତ ରଖିଥିଲେ। ଏଥିରେ ଶିକ୍ଷାବିତ ନନ୍ଦକିଶୋର ପରିଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରୀୟଦର୍ଶନୀ ନାୟକ, କବି କରୁଣାକର ଦାସ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ନିର୍ବାଚନ ଆୟୋଗ ପକ୍ଷରୁ ଭିନ୍ନକ୍ଷମଙ୍କ ସମ୍ପୃକ୍ତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଏହାକୁ ଗୁରୁତ୍ୱ ଦିଆଯାଇଛି। ପିଙ୍କ ବୁଥ୍, ସୁଗମ ଖସଡ଼ା ରାସ୍ତା, ବ୍ରେଲି ବ୍ୟାଲାଟ, ସ୍ୱେଚ୍ଛାସେବୀ ନିଯୁକ୍ତି, ବାହନ ବ୍ୟବସ୍ଥା, ସାମ ଆପର ବ୍ୟବହାର, ଭ୍ରାମ୍ୟମାଣ ବାଲାଟ ସଂଗ୍ରହ ଆଦି ବ୍ୟବସ୍ଥା ହୋଇଛି। ମତଦାନ ସମୟରେ ଭିନ୍ନକ୍ଷମଙ୍କ ସମସ୍ୟା ଓ ଏହାର ନିରାକରଣ ପାଇଁ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଶାବାଳକ ମତଦାନ କେନ୍ଦ୍ରରେ ପହଞ୍ଚି ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ସ୍ୱପ୍ନାଂଶୁ କୁମାର ଦସ, ମନୋରଞ୍ଜନ ତ୍ରିପାଠୀ, ଅରୁଣ କୁମାର ବେହେରା, ପ୍ରଶାନ୍ତ କୁମାର ନାୟକ, ତିରୁପତି ରେଡି, ନିରଞ୍ଜନ ମଙ୍ଗରାଜ ପ୍ରମୁଖ ଭିନ୍ନକ୍ଷମଙ୍କ ପାଇଁ ସମସ୍ୟା ଓ ନିରାକରଣ ସମ୍ପର୍କରେ ମତ ରଖିଥିଲେ। ପୁନର୍ବାସର କର୍ମକର୍ତ୍ତା ସଞ୍ଜୀବ କୁମାର ଜେନା, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ଦାସ, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସଭା ପରିଚାଳନା କରିଥିଲେ।



ସଭାରେ ଯୋଗ ଦେଇଥିବା ଅତିଥିମାନେ।

## ଫୋକସ୍‌ରେ ସମ୍ବେଦନଶୀଳ ବୁଥ୍


ରାଜକନିକା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି।

ରାଜକନିକା, ୨୫।୪(ସଞ୍ଜୟ କୁମାର ଦାଶ)

### ଆଳି ନିର୍ବାଚନମଣ୍ଡଳୀ

### ରାଜକନିକାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କେନ୍ଦ୍ରାପଡ଼ା ଜିଲାରେ ଜୁନ ୧ରେ ଭୋଟ ହେବ। ଆଳି ନିର୍ବାଚନମଣ୍ଡଳୀର ରାଜକନିକା ଓ ଆଳି ବ୍ଲକକୁ ନେଇ ଗଠିତ। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତ ହୋଇଥିବା ବେଳେ, ଆଳି ବ୍ଲକର ୩୪ ଟି ପଞ୍ଚାୟତକୁ ନେଇ ଗଠିତ ଆଳି ବିଧାନସଭା ଆସନ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି। ଫୋକସ୍‌ରେ ସମ୍ବେଦନଶୀଳ ବୁଥ୍‌କୁ ରଖାଯାଇଛି। ଏହିକ୍ରମରେ ଗୁରୁବାର ଅପରାହ୍ନରେ ରାଜକନିକା ଥାନା ଆଇଆଇସି ଦିଲୀପ କୁମାର ଧଳଙ୍କ ନେତୃତ୍ୱରେ ପୋଲିସଙ୍କ ସହ ଏକ କମ୍ପାନୀ ସିଆଇଏସ୍ଏଫ୍ ଯବାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଛି। ପୋଲିସ ବାହିନୀ ଜାଗୁଲାଇପଡା ପଞ୍ଚାୟତ ଜାଗୁଲାଇ ହନୁମାନ ଛକରୁ ବାହାରି ନହୁଣୀ ପଞ୍ଚାୟତ କାନପୁର ଗୋପାଳପୁର ପର୍ଯ୍ୟନ୍ତ ଏବଂ ଭାରିଗଦା ପଞ୍ଚାୟତରୁ ବାହାରି ବରୁଣାଡିହା ପଞ୍ଚାୟତ ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରିଥିଲା। ଏସ୍ଆଇ ଚିନ୍ମୟ କୁମାର ମହାନ୍ତି ଫ୍ଲାଗମାର୍ଚ୍ଚରେ ସାମିଲ ଥିଲେ।

## ପ୍ରଶାସନିକ ଅବହେଳା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ, ୨୫।୪ (କଳ୍ପତରୁ ନାୟକ)

- ପଟ୍ଟାମୁଣ୍ଡାଇ ଲୋକେ ହେଉଛନ୍ତି ହଇରାଣ
- ବିରୋଧ କଲେ ଭୋଗୁଛନ୍ତି ନିର୍ଯ୍ୟାତନା




କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ କାର୍ଯ୍ୟରତ ସରକାରୀ କର୍ମଚାରୀ, ଜନପ୍ରତିନିଧିମାନେ ସାମ୍ବିଧାନିକ ବିଧି ବ୍ୟବସ୍ଥାର ନୀତିନିୟମ ଓ ଆଇନକୁ ଉଲ୍ଲଂଘନ କରି ମନଇଚ୍ଛା କାର୍ଯ୍ୟ କରିଚାଲିଛନ୍ତି। ଏଥିଯୋଗୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଫଳରେ ସାଧାରଣ ଲୋକେ ହଇରାଣ ହେଉଥିବା ବେଳେ ଉପରିସ୍ଥ ଅଧିକାରୀ, ଜନପ୍ରତିନିଧି ମାଲାମାଲ ହେଉଛନ୍ତି। ଏସବୁକୁ ସାଧାରଣ ଲୋକେ ବିରୋଧ କଲେ ନିର୍ଯ୍ୟାତନା ଭୋଗୁବାକୁ ପଡୁଛି। ଏହାକୁ ନେଇ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ଅବନ୍ତି ଜେନା କହିଛନ୍ତି, ପଟ୍ଟାମୁଣ୍ଡାଇରେ ବିଭାଗୀୟ ଅଧିକାରୀମାନେ ତାଙ୍କର କାର୍ଯ୍ୟଶୈଳୀ ଭୁଲି ମନମାନୀ କରୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଛି। ଉଦାହରଣ ଅବକାରୀ ବିଭାଗ କର୍ତ୍ତବ୍ୟରେ ଅବହେଳା ହେତୁ ବେଆଇନ ନିଶା କାରବାର ବଢ଼ିଚାଲିଛି। ଫଳରେ ଯୁବଗୋଷ୍ଠୀ ପ୍ରଥଭ୍ରଷ୍ଟ ହେଉଛନ୍ତି। ଭେଷଜ ବିଭାଗର ଅବହେଳା ହେତୁ ବେଆଇନ ଔଷଧ କାରବାର ଗାଁ ଗହଳିରେ ମାଡିଚାଲିଛି। ସାଧାରଣ ରୋଗୀଟିଏ ସେହି ଔଷଧ ସେବନ କରି ମୃତ୍ୟୁମୁଖରେ ପଡୁଛି। ଶିକ୍ଷା ବିଭାଗର ଅବହେଳା ଯୋଗୁ ଶିକ୍ଷକ ନ ଥିବାରୁ ପିଲାଙ୍କ ପାଠପଢ଼ା ଠିକ୍ ଭାବେ ହୋଇପାରୁନାହିଁ। ଫଳରେ ବେସରକାରୀ ଶିକ୍ଷାନୁଷ୍ଠାନ ଗଢ଼ି ଉଠି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶୋଷଣ କରୁଛନ୍ତି। ସେହିପରି ଯୋଗାଣ, କୃଷି, ପରିବହନ ଓ ଉନ୍ନୟନ ବିଭାଗ ଆଦିର କାର୍ଯ୍ୟଶୈଳୀରେ ନୀତିନିୟମ, କର୍ତ୍ତବ୍ୟକୁ ଉଲ୍ଲଂଘନ କରାଯାଉଛି। ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ମିଳୁ ନ ଥିବାରୁ ବାଧ ହୋଇ ଘରଦ୍ୱାର, ପରିବାର ଛାଡି ଦାଦନ ଖଟିବାକୁ ବାହାର ରାଜ୍ୟ ଓ ବିଦେଶ ଯିବାକୁ ପଡୁଛି। ରାଜସ୍ୱ ବିଭାଗ ଅପାରଗତା ହେତୁ ଶତାଧିକ ସରକାରୀ ଜମି ପଟ୍ଟାମୁଣ୍ଡାଇରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି। ବେଆଇନ ମାଟି ଇଟାଭାଟି ଗଢ଼ି ଉଠିଥିବାବେଳେ ଏହାକୁ ବନ୍ଦ କରିବାରେ ପ୍ରଶାସନିକ ଅଧିକାରୀ ବିଫଳ ହୋଇଛନ୍ତି। ଧୂଆଁ ଯୋଗୁ ତାତିବଢୁଥିବା ବେଳେ ଲୋକେ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଖଣି ବିଭାଗର ପଦକ୍ଷେପ ଶୂନ ଯୋଗୁ ନଦୀ ସଇରାତରୁ ବେଆଇନ ବାଲି ଚାଲାଣ ବୃଦ୍ଧି ପାଇଛି। ଓଭରଲୋଡିଂ ଯୋଗୁ ରାସ୍ତାଘାଟ ନଷ୍ଟ ହେଉଥିବାବେଳେ ପରିବେଶ ପ୍ରଦୂଷିତ ହେଉଛି। ଲୋକମାନେ ବାଛିଥିବା ଜନପ୍ରତିନିଧି ମଧ୍ୟ ଜନସାଧାରଣଙ୍କ ଅଭିଯୋଗକୁ ବେଖାତିରକରି ଚାଲୁଛନ୍ତି। ଶିକ୍ଷାବିତ୍ ପ୍ରଭାକର ସେଠୀ କହିଛନ୍ତି, ୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କଲା। ୧୯୫୦ ଜାନୁଆରୀ ୨୬ରେ ସର୍ବଭୌମ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ସମସ୍ତ ନାଗରିକଙ୍କୁ ନ୍ୟାୟ, ସମାନତା ଏବଂ ସ୍ୱତନ୍ତ୍ରତା ପ୍ରଦାନ କରାଗଲା। ଏବେ ଲୋକମାନଙ୍କ ଅଧିକାର କଲମ କାଗଜରେ ଦବାଇ ଦିଆଯାଉଛି। ଅମଲା ଓ ନିର୍ବାଚିତ ପ୍ରତିନିଧିମାନେ ଭୟଙ୍କର ଅରାଜକତା ଚାଲାଇଛନ୍ତି। ପ୍ରତିବାଦ, ଆନ୍ଦୋଳନ କି ବିରୋଧ କଲେ ହାଜତକୁ ଯିବା ସାର ହେଉଛି। ସାଧାରଣ ଲୋକେ ସ୍ୱାଧୀନତା ହରାଉଛନ୍ତି। ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ୨୦୨୪ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ରାଜନୈତିକ ଘଟଣାବଳୀ ସେତିକି ନାଟକୀୟ ଓ ରୋମାଞ୍ଚକର ହୋଇଚାଲିଛି। ସାଧାରଣ ମଣିଷର ଏଥିରେ କିଛି ଲାଭ ପାଉ ନ ଥିବା ବେଳେ ନିତିଦିନିଆ ସମସ୍ୟା ଯେପରି ରୋଜଗାର ନ ମିଳିବା, ରୋଜଗାର ହରାଇବା, ଆୟରେ ହ୍ରାସ ଘଟିବା, ଖାଦ୍ୟ ଜିନିଷରେ ଅହେତୁକ ଦରଦାମ ବୃଦ୍ଧି ହେବା, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ନିଜ ଆୟରୁ ଅଧିକ ହୋଇଚାଲିଛି।

## ସଂକ୍ଷେପରେ

### ଜଙ୍ଗଲ ନିଆଁକୁ ନେଇ ଚିନ୍ତା

ଖଣ୍ଡପଡ଼ା,୨୫ା୪
(ଅଜୟ କୁମାର ମହାରଣା)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲ ଓ ତା'ସଂଲଗ୍ନ ପାହାଡ଼ ଉପରେ ଥିବା ଗଛପତ୍ର ଗତ ୨୦ ଦିନ ଧରି ଜଳୁଛି। ନିଆଁ ଓ ଧୂଆଁର ପ୍ରଭାବରେ ଅଣ ନିଃଶ୍ୱାସୀ ହୋଇ ପଡିଥିବା ବନ୍ୟଜନ୍ତୁ ଏବେ ସଙ୍କଟରେ ପଡିଛନ୍ତି। ବନବିଭାଗ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ବନାଗ୍ନି ଲିଭୁନାହିଁ। ଏବେ ଖଣ୍ଡପଡ଼ା ଅଞ୍ଚଳରେ ଦିନରେ ତାପମାତ୍ରା ୪୦ ଡ଼ିଗ୍ରୀରୁ ଉର୍ଦ୍ଧ୍ୱରେ ରହୁଛି। ରାତିରେ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଜଙ୍ଗଲ ନିଆଁର ପ୍ରଭାବରେ ପରିବେଶ ଅଧିକ ଉତ୍ତପ୍ତ ହେବା ସହ ଧୂଆଁମୟ ହୋଇ ରହୁଛି। ଏହାର ପ୍ରଭାବ ଜନଜୀବନକୁ ପ୍ରଭାବିତ କରୁଛି। ନିଆଁର ପ୍ରଭାବରେ ଶତାଧିକ ହେକ୍ଟର ଜଙ୍ଗଲ ଜମି ପୋଡି ନଷ୍ଟ ହୋଇ ଯାଇଥିବାରୁ ଏନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ଜଙ୍ଗଲ ନିଆଁକୁ ରୋକିବା ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

### ଜଗନ୍ନାଥପ୍ରସାଦରେ ନିଶାଦ୍ରବ୍ୟ କାରବାର ବଢ଼ୁଛି

ଖଣ୍ଡପଡ଼ା,୨୫ା୪
(ଅଜୟ କୁମାର ମହାରଣା)

ଦିନ ହେଉ ଅବା ରାତି ନିଶାରେ ମସଗୁଲ ଯୁବକମାନଙ୍କ ଦୌରାତ୍ମ୍ୟରେ ରାସ୍ତାରେ ଯାତାୟତ କରୁଥିବା ଲୋକମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ମନ୍ଦିର ପରିସର ହେଉ କିମ୍ବା ବାଉତି ମନ୍ଦିରରେ ସଞ୍ଜ ନଇଁଲେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ବେଳେ ଗ୍ରାମବାସୀଙ୍କ ବାରଣକୁ କେହି ମାନୁ ନାହାନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମରେ ନିଶାଦ୍ରବ୍ୟର ଅବାଧ କାରବାରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ଓ ବୋଲଗଡ଼ ବ୍ଲକ ସୀମାନ୍ତ ଅଞ୍ଚଳରେ ଥିବା ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ଅଞ୍ଚଳ ଏବେ ନିଶା ବେପାରୀଙ୍କ ଆଡ୍ଡାସ୍ଥଳ ପାଲଟିଛି। ପ୍ରତ୍ୟେହ ଚୋର ଦେଶୀ ମଦ ସେହି ଅଞ୍ଚଳରେ ବିକ୍ରି ହେଉଛି। ନିଶାସେବନକାରୀଙ୍କ ପ୍ରଭାବରେ ପରିବାର ଲୋକେ ଅତିଷ୍ଠ ହୋଇପଡୁଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ଧରି ଉକ୍ତ ଅଞ୍ଚଳରେ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ଭାଙ୍ଗ ଓ ଧଳା ଜହର ଅବାଧ କାରବାର ଚାଲିଛି। ଗ୍ରାମର ଛକ, ବଜାର, ଗଳିକନ୍ଦି ଓ ଫାଣ୍ଡି ନିକଟରେ ସବୁଠି ଚୋରାରେ ନିଶା ଦ୍ରବ୍ୟର ବିକ୍ରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ବନ୍ଧୁ ମିଳନ

ଖଣ୍ଡପଡ଼ା,୨୫ା୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଅଞ୍ଚଳର ବ୍ରାହ୍ମଣ ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ପ୍ରଶାନ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ଆୟବ୍ୟୟର ହିସାବ କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ଦାଶ ଉପସ୍ଥାପନ କରିଥିଲେ। ସମ୍ପାଦକ ନବ କିଶୋର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଅନୁଷ୍ଠାନର ସଭାପତି ଗଙ୍ଗାଧର ଷଡ଼ଙ୍ଗୀ ଓ ସମ୍ପାଦକ ଦୀନା ମିଶ୍ରଙ୍କ ଶୃଙ୍ଖଳିତ କାର୍ଯ୍ୟକୁ ଉପସ୍ଥିତ ସଦସ୍ୟମାନେ ପ୍ରଶଂସା କରିଥିଲେ।

# ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ



### ପର୍ଯ୍ୟବେକ୍ଷକମାନଙ୍କ ସମୀକ୍ଷା ବୈଠକ

ଛତ୍ରପୁର,୨୫ା୪
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଓ ଗଜପତି ଜିଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ପ୍ରସ୍ତୁତି ଏବଂ କାର୍ଯ୍ୟ ଖସଡା କିଭଳି ପ୍ରସ୍ତୁତି ହୋଇଛି ସେହି ସମ୍ପର୍କରେ ଏକ ସମୀକ୍ଷା ବୈଠକ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ପୋଲିସ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁରସ୍ଥିତ ଜିଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଉଭୟ ଜିଲାର ସମୀକ୍ଷା ବ୍ରହ୍ମପୁର ଲୋକସଭା (ମୋହନା ଓ ଦିଗପହଣ୍ଡି) ସାଧାରଣ ପର୍ଯ୍ୟବେକ୍ଷକ ଗନ୍ଧମ ଚନ୍ଦ୍ରଡୁ, ବ୍ରହ୍ମପୁର ଲୋକସଭା ସ୍ୱରୂପ ପି. ଏବଂ ବ୍ରହ୍ମପୁର ଲୋକସଭା ପୋଲିସ ପର୍ଯ୍ୟବେକ୍ଷକ ଅଜୟ ଲିଣ୍ଡା ଉପସ୍ଥିତ ରହି ଗଜପତି ଏବଂ ଗଞ୍ଜାମ ଜିଲ୍ଲାର ନିର୍ବାଚନ ସଂକ୍ରାନ୍ତୀୟ ସମୀକ୍ଷା କରିଥିଲେ । ବିଶେଷ କରି ଉଭୟ ଜିଲା ଭୋଟର ସଂଖ୍ୟା, ବୁଥଗୁଡିକର ସ୍ଥାନ ଓ ସ୍ଥିତି, ଆଧୁନିକ ବୁଥ, ଯୁବ ଭୋଟର ବୁଥ , ସଖୀ ବୁଥ, ଭିନ୍ନକ୍ଷମ ବୁଥ, ପ୍ରକୃତି ବନ୍ଧୁ ବୁଥ, ସହାୟକକାରୀ ବୁଥ, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ପର୍ଯ୍ୟବେକ୍ଷକ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ଷ୍ଟାଫ ନିଯୁକ୍ତ ଇତ୍ୟାଦି ସମସ୍ତ ବିଷୟରେ ପର୍ଯ୍ୟବେକ୍ଷକଗଣ ପଚାରି ବୁଝିଥିଲେ। ଗଞ୍ଜାମ ଜିଲା ପକ୍ଷରୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତ ତଥ୍ୟ ରଖିଥିବା ବେଳେ ଗଜପତି ଜିଲାର ସମସ୍ତ ତଥ୍ୟ ଗଜପତି ଜିଲାର ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଉପସ୍ଥାପନ କରିଥିଲେ। ଗଞ୍ଜାମ ଜିଲା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବ୍ରହ୍ମପୁର ଲୋକସଭା ନିମନ୍ତେ ପୋଲିସ ପର୍ଯ୍ୟବେକ୍ଷକ ଅଜୟ ଲିଣ୍ଡାଙ୍କ ଯୋଗାଯୋଗ ନମ୍ବର ୯୬୯୨୧୮୫୧୬୪, ସାଧାରଣ ପର୍ଯ୍ୟବେକ୍ଷକ ସ୍ୱରୂପ ପିଙ୍କ ଯୋଗାଯୋଗ ନମ୍ବର ୯୬୯୨୧୯୪୧୪୫, ମୋହନା ଓ ଦିଗପହଣ୍ଡି ବିଧାନସଭା ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଗନ୍ଧମ ଚନ୍ଦ୍ରଡୁଙ୍କ ଯୋଗାଯୋଗ ନମ୍ବର ୮୫୦୦୦୪୦୦୮୮ ଗଞ୍ଜାମ ଜିଲ୍ଲାରେ ଉପସ୍ଥିତ ଅଛନ୍ତି । କୌଣସି ଆପତ୍ତି ଅଭିଯୋଗ ଥିଲେ ଉପରଲିଖିତ ନମ୍ବରରେ ଯୋଗାଯୋଗ କରି ଜଣାଇପାରିବେ। ଏହି ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକମାନଙ୍କ ସହିତ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ତଥା ଦକ୍ଷିଣାଞ୍ଚଳ ପୋଲିସ ଉପ ମହାନିର୍ଦ୍ଦେଶକ ଡା. ସାର୍ଥକ ଷଡଙ୍ଗୀ, ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତି ଏସ. କୁମାର ଓ ଉଭୟ ଜିଲାର ରିଟର୍ଣ୍ଣି ଅଧିକାରୀଗଣ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ

ଶେରଗଡ଼, ୨୫ା୪(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ବାଦଗଡ଼ ନିକଟ କାନସା ପାହାଡ ପାଦଦେଶରେ ଜଣେ ଯୁବକଙ୍କୁ ହତ୍ୟାକରି ଶାଗୁଆନ ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଶେରଗଡ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜଗନ୍ନାଥ ବିଦ୍ୟାପୀଠରୁ ବାଦଗଡକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଶାଗୁଆନ ଗଛରୁ ଝୁଲନ୍ତା ଅବସ୍ଥାରେ ଷଡଙ୍ଗୀପଲ୍ଲୀ ଗ୍ରାମର ଅଭି ଗୌଡଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମକେସିଜିକୁ ପଠାଇ ଦେଇଛି। ଅଭି ଗୌଡ ସୁରାଟରେ ରହୁଥିଲେ। କିଛିଦିନ ହେବ ସେ ଗ୍ରାମକୁ ଆସିଥିଲା। ଗ୍ରାମରେ କିଛି ଦିନ ରହିବା ପରେ ସେ ଶଶୁର ଘର ବାଦଗଡ ଯାଇଥିଲେ। ଗୁରୁବାର ସକାଳେ ତାଙ୍କର ମୃତଦେହ ଶାଗୁଆନ ଗଛରେ ଝୁଲୁଥିବା ଖବର ପାଇ ପରିବାର ଲୋକ ଶେରଗଡ ପୋଲିସକୁ ଖବର ଦେଇଥିଲେ। ଅଭିଙ୍କ ଭାଇ କାଶିଆ ଗୌଡ ଥାନାରେ ଏତଲା ଦେଇଛନ୍ତି ଯେ, ଗ୍ରାମର କାଳିଆ ଗୌଡ ଓ ନଟିଆ ଗୌଡ ଅଭିଙ୍କୁ ଡାକି ନେଇ ହତ୍ୟାକରି ପ୍ରମାଣ ନଷ୍ଟ କରିବାକୁ ଯାଇ ଶାଗୁଆନ ଗଛରେ ଟାଙ୍ଗି ଦେଇଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ୱଷ୍ଟ ହେବ ବୋଲି ଥାନା ଅଧିକାରୀ ବିରେନ୍ଦ୍ର କୁମାର ଶିଆଳ କହିଛନ୍ତି।

# ଭାଜପା ରାଜ୍ୟ ସମ୍ପାଦକ ଭଗବାନ ଦଳ ଛାଡ଼ିଲେ

## ଆଜି ଶଙ୍ଖ ଭବନରେ ବିଜେଡିରେ ମିଶିବେ

ଭଞ୍ଜନଗର/ସୋରଡ଼ା,
୨୫ା୪(ବାବୁଲା ପ୍ରଧାନ/ଲମ୍ବୋଦର ପାଣିଗ୍ରାହୀ):



ଭଗବାନ ପଣ୍ଡା

ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ତଥା ବର୍ତ୍ତମାନର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଭଗବାନ ପଣ୍ଡା ଗୁରୁବାର ସନ୍ଧ୍ୟାରେ ଦଳରୁ ଇସ୍ତଫା ଦେଇଛନ୍ତି । ଏନେଇ ସେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଖକୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଏହାର ନକଲ ଜିଲା ସଭାପତି ଏବଂ ସମ୍ପାଦକଙ୍କ ପାଖକୁ ପଠାଇ ଦେଇଛନ୍ତି। ଭଗବାନ ଦୀର୍ଘ ଦିନ ହେଲା ଦଳରେ ଅବହେଳିତ ଅବସ୍ଥାରେ ଥିଲେ। ତେଣୁ ବାଧ ହୋଇ ଆଜି ଦଳରୁ ଇସ୍ତଫା ଦେଇଛି ବୋଲି ଭଗବାନ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିସହ ଦୁଇ ତିନିଦିନ ମଧ୍ୟରେ ଗଞ୍ଜାମ ଜିଲାର ୭ରୁ ଉର୍ଦ୍ଧ୍ୱ ଜଣାଶୁଣା ଭାଜପା ନେତା ଦଳ ଛାଡ଼ି ବିଜେଡ଼ିରେ ମିଶିବା କାର୍ଯ୍ୟକ୍ରମ ରହିଛି ବୋଲି ଭଗବାନ ସୂଚନା ଦେଇଛନ୍ତି । ଭଗବାନ ଦୀର୍ଘ ୩୦ ବର୍ଷ ଧରି ସୋରଡ଼ା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ବୃଦ୍ଧିରେ କାର୍ଯ୍ୟ କରୁଥିଲେ। ତେଣୁ ଉକ୍ତ ନିର୍ବାଚନମଣ୍ଡଳୀର କେତେକ ଅଞ୍ଚଳରେ ତାଙ୍କର ଏବେବି ପ୍ରଭାବ ଅଛି। ତେଣୁ ଭଗବାନ ଦଳ ଛାଡ଼ିବା ପରେ ଭାଜପାକୁ ଶକ୍ତ ଧକ୍କା ଲାଗିଛି । ଅପରପକ୍ଷେ ଶୁକ୍ରବାର ଭଗବାନ ଭୁବନେଶ୍ୱର ଶଙ୍ଖ ଭବନ ଯାଇ ସେଠାରେ ତାଙ୍କର ଶତାଧିକ ସମର୍ଥକ ସହ ବିଜେଡ଼ିରେ ମିଶିବା କାର୍ଯ୍ୟକ୍ରମ ରହିଛି ବୋଲି ସୋରଡ଼ା ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ବିଜେଡ଼ି ନେତା ସୂଚନା ଦେଇଛନ୍ତି।

# ଶେଷ ଦିନରେ ପ୍ରାର୍ଥିପତ୍ର ଦାଖଲ କଲେ କେ.ନାରାୟଣ ରାଓ

ପାରଳାଖେମୁଣ୍ଡି, ୨୫ା୪ (ଗିରିଧାରୀ ପରିଛା):



ଗଜପତି ଜିଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଭାଜପା ଶକ୍ତି ପ୍ରଦର୍ଶନ କରିଛି। ବିଧାୟକ ତଥା ୨୦୨୪ନିର୍ବାଚନ ପାଇଁ ବିଧାୟକ ପ୍ରାର୍ଥୀ କେ. ନାରାୟଣ ରାଓ ହଜାର ହଜାର ସମର୍ଥକଙ୍କୁ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଧବାର କାଶୀନଗର ବିଜ୍ଞାପିତ ପରିଷଦର ଅଧକ୍ଷା ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା ଏମ ସୁଧାରାଣୀ ତାଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ପହଞ୍ଚିଥିଲେ। ପ୍ରାର୍ଥିପତ୍ର ଦାଖଲ କରିବା ପରେ ନାରାୟଣ କହିଥିଲେ ଯେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଲୋକେ ତାଙ୍କ ସହିତ ଅଛନ୍ତି, ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀ ଲୋକେ ୨୦୦୯ ରେ ସେ ଯେତେବେଳେ ବିଜେଡି ଟିକେଟରୁ ଲଢ଼ିଥିଲେ ସେତେବେଳେ ମଧ ଲୋକେ ତାଙ୍କୁ ଜିତାଇଥିଲେ। ସେହିପରି ୨୦୧୪ରେ ସେ ବିଜେଡି ଦଳରୁ ପ୍ରାର୍ଥୀ ହୋଇ ପରାଜୟ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ବିଜେଡି ଯେତେବେଳେ ତାଙ୍କୁ ଦଳୀୟ ଟିକେଟ ଦେଇନଥିଲା ସେତେବେଳେ ସେ ଭାଜପାରେ ଯୋଗଦେଇ ବିଜୟ ଲାଭ କରିଥିଲେ। ଚଳିତ ନିର୍ବାଚନରେ ସେ ଜିତିଲେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଉପରେ ଗୁରୁତ୍ୱ ଦେବେ। ଏହାସହ ପାରଳାଖେମୁଣ୍ଡି ଗୁଣୁପୁରଠାରୁ ହାଇଦ୍ରାବାଦ ପାଇଁ ଏକ ଟ୍ରେନ, ପାରଳାଖେମୁଣ୍ଡିଠାରୁ ବିଜୟନଗରମ ପର୍ଯ୍ୟନ୍ତ ରେଳ ସୁବିଧା କରିବା, ପାରଳାଖେମୁଣ୍ଡିଠାରେ ଏକ ମେଡିକେଲ କଲେଜ ଖୋଲିବା, ଉମ୍ୱାପୁର ପ୍ରୋଜେକ୍ଟ କରିବା, ନୂତନ ଜଗନ୍ନାଥ ମନ୍ଦିର କାର୍ଯ୍ୟ ପାଇଁ ଯାହା ଦରକାର ତାହା କରିବି ବୋଲି ଅଭିଭାଷଣରେ କହିଛନ୍ତି। ମୋହନା ନିର୍ବାଚନ ମଣ୍ଡଳୀରୁ ମୋଟ ୬ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ ୮ ଜଣ ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗୁରୁବାର ଆମ ଆଦମୀ ପାର୍ଟିର ବିଧାୟ ପ୍ରାର୍ଥୀ ମନୋଜ କୁମାର ବଡନାୟକ, ସ୍ୱାଧୀନ ଭାବେ ସଂଜୀବ ରାଉତ, ପ୍ରୀତିଲତା ପଟ୍ଟନାୟକ, ରୁବେନ ମଣ୍ଡଳ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ଶରଣକୁଳ ଥାନା ପକ୍ଷରୁ ଖୋଲିଲା ଜଳଛତ୍ର

ଶରଣକୁଳ,୨୫ା୪(ଦୀପକ କର)

ବର୍ତ୍ତମାନ ଶରଣକୁଳ ଅଞ୍ଚଳରେ ତାପମାତ୍ରା ୪୨ଡିଗ୍ରୀରୁ ଅଧିକ ରହୁଛି। ଏହାକୁ ଦୃଷ୍ଟିରେ ରଖି ଶରଣକୁଳ ଥାନା ଅଧିକାରିଣୀ ପୁଷ୍ପଲତା ବେହେରାଙ୍କ ତତ୍ତ୍ୱାବଧାନରେ ଶରଣକୁଳ ଥାନା ସମ୍ମୁଖରେ ଏକ ଜଳଛତ୍ର ଖୋଲିଛି। ପ୍ରଚଣ୍ଡ ଖରାରେ ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଅଫିସ, ବ୍ୟାଙ୍କ, ମାର୍କେଟ, ଦୈନନ୍ଦିନ କାର୍ଯ୍ୟ ଓ ଜୀବିକା ନିର୍ବାହ ପାଇଁ ଶରଣକୁଳ ଆସିଥାନ୍ତି। କିନ୍ତୁ ସବୁ ଜାଗାରେ ଜଳଛତ୍ରର ବ୍ୟବସ୍ଥା ନାହିଁ। ଶରଣକୁଳ ଥାନା ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଗୁରୁବାର ପ୍ରଥମ ଦିନରେ ଲୋକମାନଙ୍କ ପାଇଁ ଦହି ସରବତ ବଣ୍ଟନ କରାଯାଇଥିବା ଥାନା ଅଧିକାରିଣୀ ପ୍ରକାଶ କରିଛନ୍ତି। ଏହି ଜଳ ବଣ୍ଟନ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ପୁଷ୍ପଲତା ବେହେରା, ଏଏସ୍ଆଇ ସନ୍ଧ୍ୟାରାଣୀ ସେଠୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ପୋଲିସ ତରଫରୁ ଗଣିଆ ବଜାରରେ ଜଳଛତ୍ର

ଗଣିଆ,୨୫ା୪(ସନ୍ତୋଷ କୁମାର ପ୍ରଧାନ)

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ମୁଣ୍ଡଫଟା ଖରାରେ ପ୍ରତ୍ୟହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକର ୮ ପଞ୍ଚାୟତର ଗଣିଆ ବଜାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ସହ ବ୍ୟାଙ୍କ, ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ପ୍ରତିଦିନ ବହୁ ଲୋକ ଆସିଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ଗଣିଆ ପୋଲିସ ତରଫରୁ ଗଣିଆ ଥାନା ସମ୍ମୁଖରେ ଗୁରୁବାର ଜନସାଧାରଣଙ୍କୁ ଦହିପଣା ବଣ୍ଟନ କରାଯିବା ସହ ଜଳଛତ୍ର ଖୋଲାଯାଇଛି। ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଜନସାଧାରଣଙ୍କୁ ପ୍ରଥମ ଦିନରେ ଦହିପଣା ବଣ୍ଟନ କରିଥିଲେ। ତେବେ ଚଳିତ ଖରାଦିନ ତମାମ ପୋଲିସ କର୍ମଚାରୀମାନେ ଜନସାଧାରଣଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯିବ ବୋଲି ଥାନା ଅଧିକାରୀଙ୍କଠାରୁ ସୂଚନା ମିଳିଛି।

### ଖେମୁଣ୍ଡି ଓକିଲ ସଂଘର ଆଲୋଚନା ସଭା

ଦିଗପହଣ୍ଡି,୨୫ା୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଗୁରୁବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ହରପ୍ରସାଦ ରଥ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ନାୟକ ସଂଘର ଆୟବ୍ୟୟ ଉପସ୍ଥାପନ କରିବା ସହ ଆଲୋଚ୍ୟ ବିଷୟ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଘର ନୂତନ କାର୍ଯ୍ୟକାରୀ କମିଟି ଚୟନ, ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବିଚାରାଧୀନ ଥିବା ଓକିଲ ସଂଘଗୁଡିକର କାର୍ଯ୍ୟକଳାପ ମିଆଦ ଦୁଇ ବର୍ଷକୁ ବୃଦ୍ଧି, ଦିଗପହଣ୍ଡିରେ ସବଜଜ୍ କୋର୍ଟ ପାଇଁ ନିର୍ମାଣାଧୀନ କାର୍ଯ୍ୟରେ ମନ୍ଥରତା ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇ ବିଧିବଦ୍ଧ ନିଷ୍ପତ୍ତି ଗୃହୀତ କରାଯିବା ସହ ଆସନ୍ତା ୨୮ ତାରିଖ ସଂଘ ପକ୍ଷରୁ ଆଇନଜୀବୀ ଦିବସ ଓ ମଧୁବାବୁ ଜୟନ୍ତୀ ପାଳନ କରାଯିବାକୁ ମଧ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସଂଘର ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ, ସୂର୍ଯ୍ୟ ନାରାୟଣ ସାହୁ, ରସାନନ୍ଦ ରାଉତ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଚନ୍ଦ୍ରଧ୍ୱଜ ସିଂହ, ଏ. ସୋମେଶ୍ୱର ରାଓଙ୍କ ସମେତ ସୁକାନ୍ତ କୁମାର ପ୍ରଧାନ, ଅଶେଷ ନାଥ ମିଶ୍ର, କୁରେଶୁ ପଣ୍ଡା, ସହସମ୍ପାଦକ ରବିଚନ୍ଦ୍ର ଗୌଡ, କୋଷାଧକ୍ଷ ସୀମାଞ୍ଚଳ ପ୍ରଧାନ, ରାଜେନ୍ଦ୍ର କୁମାର ତ୍ରିପାଠୀ, ସନ୍ତୋଷ କୁମାର ସାହୁ, ଟୁକୁନା ପ୍ରଧାନ, ସଚ୍ଚିକାନ୍ତ ରଥ ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଓଡ଼ିଶା ଡ୍ରାଇଭର ମହାସଂଘର ନିର୍ବାଚନୀ ବୈଠକ



କବିସୂର୍ଯ୍ୟନଗର,୨୫ା୪(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡ଼ା ପଞ୍ଚାୟତ ହନୁମାନ ମନ୍ଦିର ପରିସରରେ ଓଡ଼ିଶା ଡ୍ରାଇଭର ମହାସଂଘର ଏକ ନିର୍ବାଚନୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ କବିସୂର୍ଯ୍ୟନଗର ବ୍ଲକ କମିଟି ସର୍ବସ୍ୱୀକୃତିକ୍ରମେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ସଭାପତି ରାଜାରାଓ ରେଞ୍ଜୀ, ଉପସଭାପତି ପ୍ରକାଶ ପଣ୍ଡା, ସମ୍ପାଦକ ସୁଶାନ୍ତ କୁମାର ସାହୁ, ସହସମ୍ପାଦକ ଟିଟୁ ଜେନା, କୋଷାଧ୍ୟକ୍ଷ କୁମୁଦ ଜେନା ଓ ଉପଦେଷ୍ଟା ଭାବେ ଆଲ୍ଲାଦ ସେଠୀ ଏବଂ ଭଗବାନ ମହାରଣା ନିର୍ବାଚିତ ହୋଇଛନ୍ତି। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ, ଜିଲା ସ୍ତରୀୟ କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିଥିଲେ। ଜିଲା ସଭାପତି ସୁରେନ୍ଦ୍ର କୁମାର ଦାସ, ଉପସଭାପତି ଧରିଣୀଧର ସାହୁ, ସମ୍ପାଦକ ପ୍ରଶ୍ନ କୁମାର ବିଷୋୟୀ ଓ କୋଷାଧକ୍ଷ ରାଜାରାଓ ରେଞ୍ଜୀ ନିର୍ବାଚିତ ହୋଇଥିଲେ। କୋଦଳା ବ୍ଲକ ସଦସ୍ୟ ଭାବେ ସଞ୍ଜୟ ପଣ୍ଡା, ଶ୍ରୀରାମ ତ୍ରିପାଠୀ, ଗଜପତି ପରିଡ଼ା, ସନ୍ତୋଷ ପାତ୍ର, ରାଜା ମହାପାତ୍ର ଓ ଅଶୋକ ବେହେରା ନିର୍ବାଚିତ। ବ୍ରହ୍ମପୁର କମିଟିରେ ନାରାୟଣ ଜେନା, ରାକେଶ ସାହୁ, କାର୍ତ୍ତିକ ଓ ରାକେଶ ଭାଇ। ଆସିକା ବ୍ଲକ କମିଟି ଜଗନ୍ନାଥ ବେହେରା, ପିଣ୍ଟୁ ସେଠୀ, ପବିତ୍ର ଗୌଡ଼ ଓ ପୁରୁଷୋତ୍ତମପୁରର ସଞ୍ଜୟ ଗୌଡ଼ ଥିଲେ। ଏହି ଅବସରରେ ସାମ୍ବାଦିକ ବଭ୍ରୁବାହନ ଜେନା ଓ ନନ୍ଦିଆଗଡା ସରପଞ୍ଚ ପ୍ରତିନିଧି ମିଥୁନ ସାହୁ ସମ୍ବର୍ଦ୍ଧିତ ହୋଇଥିଲେ।

### ନବାହ୍ନ ପାରାୟଣ ଉଦ୍‌ଯାପିତ

ଗଞ୍ଜାମ,୨୫ା୪(ବିଦ୍ୟାଧର ସାହୁ):

ଗଞ୍ଜାମ ବଡ଼ ବଜାରଠାରେ ଥିବା ଲଛମନ ବାଲାଜୀ ହନୁମାନ ମନ୍ଦିରରେ ରାମନବମୀଠାରୁ ୯ ଦିନବ୍ୟାପୀ ଚାଲିଥିବା ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଛି। ହୁମ୍ମା ହନୁମାନ ମନ୍ଦିର ପୁରୋହିତ ପ୍ରଶାନ୍ତ ତ୍ରିପାଠୀ ପ୍ରତ୍ୟହ ରାମ ଚରିତ ଗାନ କରୁଥିଲେ। କାଳିଆ ଗୋସାଇଁଙ୍କ ମନ୍ତ୍ର ଧ୍ୱନି ମଧ୍ୟରେ ବଡ଼ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକିଙ୍କ ଦ୍ୱାରା ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହାକୁ ଗୋବିନ୍ଦ ଚନ୍ଦ୍ର ବାରିକି, ଶୁଭ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଏଠାରେ ୧୩ ବର୍ଷ ଧରି ପାରାୟଣ ଅନୁଷ୍ଠିତ ହୋଇଆସୁଛି। ସେହିପରି ରଘୁନାଟ ସାହି ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀର ସପ୍ତମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ କଲେ ପ୍ରଦୀପ ପାଣିଗ୍ରାହୀ

## ବ୍ରହ୍ମପୁର ଲୋକ ସଭା ପାଇଁ ୪, ବ୍ରହ୍ମପୁର ଓ ଛତ୍ରପୁର ବିଧାନସଭା ଆସନ ପାଇଁ ୩ ଜଣ ଲେଖାଏଁ ପ୍ରାର୍ଥିପତ୍ର ଦାଖଲ କଲେ

ଛତ୍ରପୁର,୨୫ା୪
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଭାରତୀୟ ଜନତା ପାର୍ଟି ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ. ପ୍ରଦୀପ ପାଣିଗ୍ରାହୀ ନିଜ ସମର୍ଥକମାନଙ୍କ ସହ ବିଶାଳ ଶୋଭାଯାତ୍ରାରେ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଛତ୍ରପୁର ସ୍ଥିତ ଜିଲାପରିଷଦ କାର୍ଯ୍ୟାଳୟଠାରେ ପ୍ରଦୀପ ତାଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଶ୍ରୀ ପାଣିଗ୍ରାହୀ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକଙ୍କ ସହ କୋର୍ଟପେଟା ଛକଠାରୁ ବାହାରି ଛତ୍ରପୁରରେ ପହଞ୍ଚିବା ପରେ ଛତ୍ରପୁର ବିଧାନସଭା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକଙ୍କ ସମର୍ଥକମାନେ ଭବ୍ୟ ସ୍ୱାଗତ କରିଥିଲେ। ଏହା ପରେ ଉଭୟଙ୍କ ହଜାର ହଜାର ସମର୍ଥକ ବାଇକ ରାଲିରେ ଛତ୍ରପୁର ସହର ପରିକ୍ରମା କରିଥିଲେ। ଜିଲା ସଭାପତି ଡ଼ା.ସୁବାସ ସାହୁ, ଭାଜପା ଦିଗପହଣ୍ଡି ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର, ଗୋପାଳପୁର ବିଧାୟକ ପ୍ରାର୍ଥୀ ବିଭୁତି ଜେନା, ବରିଷ୍ଠ ନେତା ରାମଚନ୍ଦ୍ର ପଣ୍ଡା, ପୂର୍ବତନ ଗଞ୍ଜାମ ଜିଲା ସଭାପତି କାହ୍ନୁ ଚରଣ ପତି, ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ବରିଷ୍ଠ ନେତା କାମନା ପାଢ଼ୀ, ପୀତବାସ ପଣ୍ଡା, ବ୍ରହ୍ମପୁର ବିଧାନସଭା ପ୍ରଭାରୀ ରାମପ୍ରସାଦ ସାମଲ, ଚିନ୍ମୟାନନ୍ଦ ମହାରାଜ, ବରିଷ୍ଠ ନେତା ପ୍ରଶାନ୍ତ ନାୟକ, ବନମାଳି ସେଠୀ, ପଦ୍ମଚରଣ ସାହୁ, ଧର୍ମା ରେଡ଼ି, ବ୍ରଜମୋହନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିନରେ ଛତ୍ରପୁରଠାରେ ବ୍ରହ୍ମପୁର ଲୋକସଭା ଆସନ ପାଇଁ ୪ ଜଣ, ବ୍ରହ୍ମପୁର ଓ ଛତ୍ରପୁର ବିଧାନସଭା ଆସନ ପାଇଁ ୩ ଜଣ ଲେଖାଏଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭାବରେ ବହୁଜନ ସମାଜବାଦ ପାର୍ଟିର ପକ୍ଷରୁ ଭାସ୍କର ଚୌଧୁରୀ , ଭାରତୀୟ ବିକାଶ ପରିଷଦ ପକ୍ଷରୁ ରାଜେନ୍ଦ୍ର ଦଳ ବେହେରା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଏସ. ତମନା ପ୍ରମୁଖ ରିଟର୍ଣ୍ଣିଂ ଅଫିସର ମଧୁମିତାଙ୍କ ନିକଟରେ ନାମାଙ୍କନ କରିଛନ୍ତି। ସେହିପରି ବ୍ରହ୍ମପୁର ବିଧାନସଭା ଆସନ ପାଇଁ ୩ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ରୁଦ୍ର ପ୍ରସାଦ ମହାପାତ୍ର, ଆଶାକୁମାରୀ ଦାଶ ଓ ସଂଜୀବ କୁମାର ପଟ୍ଟନାୟକ ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି । ଛତ୍ରପୁର ବିଧାନସଭା ଆସନ ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ରିଙ୍କୁ କୁମାରୀ ସେଠୀ, ସ୍ୱାଧୀନ ପ୍ରାର୍ଥୀ ସମ୍ରାଟ ରାଜ ଓ ସରୋଜ ବେହେରା ଉପଜିଲାପାଳ ଦେବଦତ୍ତ ମହାନ୍ତିଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଅନୁଷ୍ଠିତ




କବିସୂର୍ଯ୍ୟନଗର, ୨୫ା୪ (କୃପାସିନ୍ଧୁ ସ୍ୱାଇଁ):

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କବିସୂର୍ଯ୍ୟନଗରଠାରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ' ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଦୀପ ପ୍ରଜ୍ୱଳନ କରିଥଲେ। ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ସାହୁ ଘର ହିଁ ବିଦ୍ୟାଳୟର ପ୍ରଥମ ରୂପକୁ ବର୍ଣ୍ଣନା କରିଥଲେ। ଶିକ୍ଷା ବିକାଶ ସମିତିଙ୍କ ଶୈକ୍ଷିକ ସଂଯୋଜକ ଆଶିଷ କୁମାର ରଥ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ମିହିର କୁମାର ଶତପଥୀ ଶିଶୁର ଉପଯୁକ୍ତ ପରିବେଶ ସୃଷ୍ଟି ପାଇଁ ଗୁରୁତ୍ୱାରୋପ କରିଥଲେ। ଅଭିଭାବିକା ପ୍ରିୟଙ୍କା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବରିଷ୍ଠ ଗୁରୁମା' ବାସନ୍ତୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ବିପ୍ର ପ୍ରଧାନଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା', ସେବକ ସେିକା , ଅଭିଭାବକ ଅଭିଭାବିକା, ବାହନ ଚାଳକ ଭାଇ କାର୍ଯକ୍ରମରେ ସହଯୋଗ କରିଥିଲେ।

# ପ୍ରବାସୀ ଶ୍ରମିକଙ୍କ ଉପରେ ନେତାଙ୍କ ଆଖି

**କେନ୍ଦ୍ରାପଡ଼ା ସାଧାରଣ ନିର୍ବାଚନ**

- ଘରକୁ ଫେରିବାକୁ କରାଯାଉଛି ଟିକେଟ ବ୍ୟବସ୍ଥା
- ପ୍ରତିଶ୍ରୁତିରେ ରହିଛି ଲୋକ ସମ୍ବଳ ବିନିଯୋଗ

କେନ୍ଦ୍ରାପଡ଼ା, ୨୫।୪ (ଜଗନ୍ନାଥ ଧଳ)

ଦାଦନ ସମସ୍ୟାରେ ପୀଡିତ କେନ୍ଦ୍ରାପଡ଼ା ଜିଲାର ଶ୍ରମିକଙ୍କ ଉପରେ ଚଳିତ ସାଧାରଣ ନିର୍ବାଚନର ପ୍ରାର୍ଥୀଙ୍କ ଆଖିପଡିଛି। ଏଥିପାଇଁ ପରିବାର ଓ ଦଳୀୟ କର୍ମୀଙ୍କ ସହାୟତାରେ ଘରକୁ ଫେରିବା ପାଇଁ ଟିକେଟ ବ୍ୟବସ୍ଥା ହେଉଛି। କରୋନା ସଂକ୍ରମଣ ସମୟରେ ଜିଲାର ୪ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଘରକୁ ଫେରିଥିଲେ। ସେହିପରି ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ ଆଳି, ରାଜନଗର, ମହାକାଳପଡ଼ା ବିଧାନସଭା କ୍ଷେତ୍ରର ପ୍ରାୟ ୪୬ପ୍ରତିଶତ ଯୁବତୀଯୁବକ କର୍ମ ଅନ୍ୱେଷଣରେ ଜିଲା ବାହାରେ ରହୁଛନ୍ତି। ନିର୍ବାଚନରେ ସୀମିତ ଭୋଟ ଫଳ ପ୍ରାର୍ଥୀଙ୍କୁ ବିଜୟ ଦେଉଥିବାରୁ ଏପରି ଶ୍ରମିକଙ୍କ ଗୁରୁତ୍ୱ ଅଧିକ ହୋଇଛି। ଅପରପକ୍ଷରେ ଜିଲାର ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ମିଳି ପାରୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ବାସନ୍ତିଲତା ମହାପାତ୍ର କହିଛନ୍ତି, ଚଳିତ ସାଧାରଣ ନିର୍ବାଚନ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଧାନସଭା ଓ ଲୋକ ସଭାରେ ଅଧିକ ସଂଖ୍ୟକ ଲୋକ ପ୍ରତିନିଧି ଅବଶ୍ୟକ। ଏଥିପାଇଁ ଦେଶବିଦେଶରେ ରହୁଥିବା ଶ୍ରମିକଙ୍କ କଥା ଏବେ ଦଳୀୟ ନେତାଙ୍କ ମନେପଡୁଛି। ଜିଲାର ୫୭ ହଜାରରୁ ଅଧିକ ଯୁବବର୍ଗ ଜିଲା କର୍ମ ନିୟୋଜନ ସଂସ୍ଥାରେ ନାମ ପଞ୍ଜୀକରଣ କରି ନିଯୁକ୍ତି ଅପେକ୍ଷାରେ ଅଛନ୍ତି। ସେହିପରି ପ୍ରାୟ ୭ ଲକ୍ଷ ଶ୍ରମିକ କର୍ମନିଯୁକ୍ତି ପାଇଁ ଜିଲା ବାହାରେ ଅଛନ୍ତି। ମତଦାନ ପାଇଁ ଘରକୁ ଫେରିବାକୁ ପ୍ରାର୍ଥୀମାନେ ଏବେ ଟିକେଟ ବ୍ୟବସ୍ଥା କରୁଥିବା ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପ୍ରତ୍ୟେକ ରାଜନୈତିକ ଦଳ ଏବେ ଶ୍ରମିକଙ୍କ ଦୁଃଖ ପାଇଁ ସମବେଦନା ଜଣାଉଥିବା ବେଳେ ଜିଲାରେ କର୍ମନିଯୁକ୍ତି ଏକ ବଡ଼ ସମସ୍ୟା ହୋଇଛି। ଜିଲାର ଅର୍ଥନୀତି କୃଷିଭିତ୍ତିକ। ମାତ୍ର କ୍ଷେତକୁ ଜଳ ପରିଚାଳନା, ଶୀତଳଭଣ୍ଡାର, ତାଲିମ ବ୍ୟବସ୍ଥା, ଅର୍ଥକରୀ ଫସଲ ପାଇଁ ଭିତ୍ତିଭୂମି ଆଦି ନିମନ୍ତେ କୌଣସି ଯୋଜନା ନାହିଁ।




ପ୍ରତି ନିର୍ବାଚନ ସମୟରେ ଶିଳ୍ପ ପ୍ରତିଷ୍ଠା, ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପ୍ରତିଷ୍ଠା, ଯୁବବର୍ଗଙ୍କୁ ଶିଳ୍ପୋଦ୍ୟୋଗୀ ପାଇଁ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଏପରିକି ସବୁ ଗ୍ରାମକୁ ରାସ୍ତା ନ ଥିବାରୁ ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ। ଜିଲାର ବଡ଼ସଂଖ୍ୟକ ଯୁବବର୍ଗ କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବିଜେଡିର ଯୁବନେତା ରାଜେଶ କୁମାର ପଣ୍ଡା କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ କର୍ମନିଯୁକ୍ତିକୁ ଗୁରୁତ୍ୱ ଦେଇଛନ୍ତି। ଚାଷୀଙ୍କ ପାଇଁ କାଳିଆ ଓ ବଳରାମ ଯୋଜନାଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ ପାଇଁ ନାମକୁମାତ୍ର ସୁଧରେ ଅନୁଦାନ ଯୋଗାଇ ଦିଆଯାଉଛି। କୃଷି କ୍ଷେତ୍ର ପରି ଯୁବ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଋଣଠାରୁ ଆରମ୍ଭ କରି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରାଯାଉଛି। ଏହାବ୍ୟତୀତ ଏହି ଶିଳ୍ପବିହୀନ ଜିଲାରେ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ଆର୍ସେଲର ମିତଲ ସହିତ ଏମ୍‌ଓୟୁ ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ପାଣି ପାଇପ ମରାମତି ତାଲିମ କେନ୍ଦ୍ର ସହିତ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ କେନ୍ଦ୍ର ନିର୍ମାଣ, କର୍ମନିଯୁକ୍ତି ମେଳା ଆଦି ଆୟୋଜିତ ହେଉଛି। ଭାଜପାର ଯୁବନେତା ସରୋଜକାନ୍ତ ସାହୁ କହିଛନ୍ତି, କେନ୍ଦ୍ର ସରକାରଙ୍କ କୃଷି ଓ ଶିଳ୍ପ ନୀତି ଅତ୍ୟନ୍ତ ସ୍ୱଷ୍ଟ। ଏଥିରେ ଥିବା ଯୋଜନା କାର୍ଯ୍ୟକାରୀ ହେଲେ କୌଣସି ଶ୍ରମିକ ଜିଲା ବାହାରକୁ ଯିବା ଆବଶ୍ୟକ ନାହିଁ। ତେବେ କେନ୍ଦ୍ରାପଡ଼ା ଜିଲାରେ କେନ୍ଦ୍ରୀୟ ଯୋଜନାକୁ ହଡପ କରାଯାଉଥିବା ତୃଣମୂଳସ୍ତରର ଶ୍ରମିକ ବୁଝିଥିବା ସେ ପ୍ରକାଶ କରିଛନ୍ତି। କଂଗ୍ରେସର ଯୁବନେତା ରିଙ୍କୁ ଲେଙ୍କା କହିଛନ୍ତି, ଶ୍ରମିକଙ୍କ କଲ୍ୟାଣ ପାଇଁ କଂଗ୍ରେସ ସର୍ବଦା ଚିନ୍ତାକରିଛି। ରାଜ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ସମୟରେ ହଜାରେ ଦିନରେ ହଜାର ଶିଳ୍ପ ପ୍ରତିଷ୍ଠାଠାରୁ ଆରମ୍ଭ କରି ଉପା ସରକାର ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରଣୟନ ଶ୍ରମିକଙ୍କ ଆଶ୍ୱସ୍ତି ଆଣିଥିଲା। ତେବେ ଚଳିତ ସରକାରଙ୍କ ଅମଳରେ ଏହା ବାଟବଣା ହୋଇଛି। ଦାଦନ ସମସ୍ୟାର ମୂଳ କାରଣ ଖୋଜି ଏହାର ନିରାକରଣ କେବଳ କଂଗ୍ରେସ ଦ୍ୱାରା ସମ୍ଭବ ବୋଲି ସେ ପ୍ରକାଶ କରିଛନ୍ତି।

# ଟାଟାଷ୍ଟିଲ୍ କର୍ମଚାରୀଙ୍କ ଗୋଷ୍ଠୀ ସଶକ୍ତୀକରଣ ପଦକ୍ଷେପ



ଟାଟାଷ୍ଟିଲ ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନର କର୍ମଚାରୀମାନେ ଲୋକଙ୍କ ସାଇକେଲ୍‌ରେ ଫ୍ଲୋରୋସେଣ୍ଟ ଷ୍ଟିକର୍ ଲଗାଉଛନ୍ତି।

କାଳିଆପାଣି, ୨୫।୪ (ଅସିତ ମହାନ୍ତ):

ଟାଟାଷ୍ଟିଲ ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି) କର୍ମଚାରୀ ଗୋଷ୍ଠୀ ସଶକ୍ତୀକରଣ ଓ ସୁରକ୍ଷା ଦିଗରେ ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନେ ସୁକିନ୍ଦା କ୍ରୋମାଇଟ ଖଣି ପରିସରସ୍ଥ ସ୍କୁଲ ଛାତ୍ରଛାତ୍ରୀ, ସ୍ଥାନୀୟ ଯୁବତୀଯୁବକ ଏବଂ ଶ୍ରମିକମାନଙ୍କ ସାଇକେଲରେ ଫ୍ଲୋରୋସେଣ୍ଟ ଷ୍ଟିକର୍ ଲଗାଇଛନ୍ତି। ସ୍ଥାନୀୟ ଅଞ୍ଚଳର ସାଇକେଲ ଚାଳକମାନଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ରାଂଶୋଳ, ଚିଙ୍ଗୁଡ଼ିପାଳ ଓ କାଳିଆପାଣି ପଞ୍ଚାୟତର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସାଇକେଲର ଦୁଇ ପାର୍ଶ୍ୱରେ ଏହି ଷ୍ଟିକର ଲଗାଯାଇଛି। ରାତିରେ ସାଇକେଲ ଚାଳକମାନଙ୍କୁ ଠିକରେ ଦେଖା ଯାଉ ନ ଥିବାରୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କର୍ମଚାରୀମାନେ ଏହି ଅଭିନବ ଅଭିଯାନ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଅନ୍ଧାରରେ ସାଇକେଲଗୁଡିକ ସହଜରେ ଦେଖାଯିବା ସହିତ ଅଞ୍ଚଳରେ ଆକସ୍ମିକ ଦୁର୍ଘଟଣା ଏଡାଇବାରେ ମଧ୍ୟ ସହାୟକ ହେବ।

ଏହି ଅବସରରେ ଏଫ୍‌ଏଏମ୍‌ଡିର ଏକ୍‌ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, ସମାଜରେ ଏପରି ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସାମୂହିକ ପ୍ରୟାସ ସବୁବେଳେ ଜାରି ରହିବ। ଆଶା କରୁଛୁ, ସୁକିନ୍ଦା କ୍ରୋମାଇଟ ଖଣି କର୍ମଚାରୀଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ସୁରକ୍ଷିତ ଏବଂ ସୁସ୍ଥ ଜୀବନ ଯାପନକୁ ପ୍ରୋତ୍ସାହିତ କରିବାରେ ନିଶ୍ଚୟ ଫଳପ୍ରଦ ହେବ। ଏଫ୍‌ଏଏମ୍‌ଡିର କର୍ମଚାରୀମାନେ ପୂର୍ବରୁ କାଳିଆପାଣି ଅଞ୍ଚଳରେ ଘାଗିଆସାହିର ସ୍ୱାମୀ ଚିଦାନନ୍ଦ ସାଂସ୍କୃତିକ କେନ୍ଦ୍ର ଏବଂ ଯାଜପୁର ନୂଆଗାଁସ୍ଥିତ ଅନ୍ନପୂର୍ଣ୍ଣା ଚାଇଲ୍ଡକେୟାର ହୋମ୍‌ରେ ପିଲାମାନଙ୍କୁ ସ୍କୁଲ ବ୍ୟାଗ ଓ ଶିକ୍ଷା ସାମଗ୍ରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣି ମୁଖ୍ୟ ଶମ୍ଭୁନାଥ ଝା, ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ଅନଙ୍ଗ ଉଦୟ ମାହାନା ଓ ନିରାପତ୍ତା ରଖି ମୁଖ୍ୟ ଅଞ୍ଜନା ତିୱାରୀଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଲିଫ୍ଟ ମାଗି ହତ୍ୟା: ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

କୁଜଙ୍ଗ, ୨୫।୪ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ବାଲିଆସ୍ଥିତ କେନାଲ ପୋଲ ନିକଟରେ ୨୦୧୬ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ବାଇକ୍‌ରେ ଲିଫ୍ଟ ଦେଇଥିବା ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ୮ ବର୍ଷ ପରେ ଗୁରୁବାର ଏହି ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥ ସାରଥି ପଟ୍ଟନାୟକ ଏହି ମାମଲାର ବିଚାର କରି କୁଜଙ୍ଗ ଥାନା ଅନ୍ତର୍ଗତ ଅରଖିଆ ଗ୍ରାମର ସଚ୍ଚିକାନ୍ତ ଦଳାଇ ଓରଫ୍ କାଳିଆଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ବାବଦରେ ୧୦ହଜାର ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥରାଶି ଅନାଦାୟ ହେଲେ ଅତିରିକ୍ତ ୧ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜୋନାଲିନ ରାଉତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ କର୍ଣ୍ଣ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ଏହି ମକଦ୍ଦମା ପରିଚାଳନା କରିଥିଲେ।

ଘଟଣାରୁ ପ୍ରକାଶ ଯେ ୨୦୧୬ ଜୁଲାଇ ୮ ସନ୍ଧ୍ୟାରେ କୁଜଙ୍ଗ ଥାନା ଅନ୍ତର୍ଗତ ସାହାଡା ଗ୍ରାମର ରାଜୀବ ଚରଣ ସ୍ୱାଇଁଙ୍କ ମଧ୍ୟମ ପୁତ୍ର ଗଣେଶ୍ୱର ସ୍ୱାଇଁ ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରୁ ଡ୍ୟୁଟି ସାରି ବାଇକ ଯୋଗେ ଘରକୁ ଫେରୁଥିଲେ। ବାଟରେ କୁଜଙ୍ଗସ୍ଥ ବିପିନ ଛକ ନିକଟରେ ଜଣେ ଯୁବକ ବାଲିଆ ଛକ ପର୍ଯ୍ୟନ୍ତ ତାଙ୍କୁ ଲିଫ୍ଟ ମାଗିଥିଲେ। ବାଲିଆ ଛକର ୧୦୦ମିଟର ପୂର୍ବରୁ ସମ୍ପୃକ୍ତ ଯୁବକ ବାଇକ୍ ନେଇଯିବା ଉଦ୍ଦେଶ୍ୟରେ ଜୋରଜବରଦସ୍ତି ଗଣେଶ୍ୱରଙ୍କୁ ଗାଡ଼ି ଅଟକାଇବାକୁ କହିଥିଲେ। ମାତ୍ର ସେ ରାଜି ନ ହେବାରୁ ହଠାତ୍ ଯୁବକ ଜଣକ ଏକ ଧାରୁଆ ଅସ୍ତ୍ରରେ ଗଣେଶ୍ୱରଙ୍କ ଗଳାକୁ କାଟିଦେଇଥିଲେ। ଏହାପରେ ସେ ବାଇକ୍‌ର ବେଗ ଧୀର କରିଦେବାରୁ ସମ୍ପୃକ୍ତ ଯୁବକ ଗାଡ଼ିରୁ ଡେଇଁ ଫେରାର ହୋଇଯାଇଥିଲେ। କିନ୍ତୁ ଗଣେଶ୍ୱର ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲିଆ ଛକ ରାସ୍ତା ଉପରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଏନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଦିନ ତାଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ବାପା କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୮୮/୧୬) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ସମୟରେ ଅଭିଯୁକ୍ତ ଜଣକ କାଳିଆ ବୋଲି ଜଣାପଡ଼ିଥିଲା। ପୋଲିସ ତାଙ୍କୁ ସେହି ମାସ ୨୧ ତାରିଖରେ ଧରିବାକୁ ସକ୍ଷମ ହୋଇଥିଲା। ଅଦାଲତରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ କାଳିଆ ସେବେଠାରୁ ଏପର୍ଯ୍ୟନ୍ତ ଅର୍ଥାତ୍ ମୋଟ ୭ବର୍ଷ ୯ମାସ ୫ଦିନ ହେବ ବିଚାରାଧୀନ ବନ୍ଦୀଭାବେ ଜୀବନ କାଟୁଥିଲେ। କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍ ବିଭିନ୍ନ ପର୍ଯ୍ୟାୟରେ ସାକ୍ଷ୍ୟ ଗ୍ରହଣ କରି ଏହି ମାମଲାର ଶୁଣାଣି କରିଥିଲେ। ଚଳିତମାସ ୨୨ରେ ଅଦାଲତ ଏହି ମାମଲାର ବିଚାର ପ୍ରକ୍ରିୟା ଶେଷକରି ରାୟ ସଂରକ୍ଷିତ ରଖିଥିବାବେଳେ ଗୁରୁବାର ଦଣ୍ଡାଦେଶ ଦେଇଛନ୍ତି।

# ତାଜପୁର ଆଦିବାସୀ ବସ୍ତିରେ ଅଗ୍ନିକାଣ୍ଡ

ପାଣିକୋଇଲି, ୨୫।୪ (ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ତଥା ପଥରପଦା ପଞ୍ଚାୟତର ତାଜପୁର ଆଦିବାସୀ ବସ୍ତିରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ବସ୍ତିର ଲକ୍ଷ୍ମଣ ମୁଣ୍ଡାଙ୍କ ଘରେ ରୋଷେଇ ଚାଲୁଥିବାବେଳେ ଚୁଲିରୁ ନିଆଁ ଲାଗି ତାଙ୍କ ଘର ଜଳିଯାଇଛି। ଘରେ ଥିବା ଧାନ, ଚାଉଳ ସମେତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ବୈତରଣୀ ରୋଡ ଦମକଳ ବାହିନୀ ପହଞ୍ଚିଥିଲେ। ହେଲେ ସେତେବେଳକୁ ସବୁ ପୋଡିଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆନନ୍ଦ



@ ଚମ୍ପାଲାଲ



@ କୁଶ



@ ସଙ୍ଗମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଷଠିପୁରରେ ନାବକେଳି ଉତ୍ସବ



ନାବକେଳି ଉତ୍ସବରେ ସୀତାରାମଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି।

ପାଣିକୋଇଲି, ୨୫।୪ (ବିକାଶ ମଲ୍ଲିକ):

ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନ୍ଦପୁର ପଞ୍ଚାୟତର ଷଠିପୁର ନିଖିଳ ଉତ୍କଳ ପତିତପାବନ କୈବର୍ତ୍ତ ସଂଘର ୧୨୬ତମ ନାବକେଳି ଉତ୍ସବ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଚୈତ୍ର ପୂର୍ଣ୍ଣିମାଠାରୁ ଏହି ଉତ୍ସବ ଖୁବ ଆଡମ୍ବର ସହିତ ପାଳନ କରାଯାଉଛି। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେଥିବା ଏହି ଉତ୍ସବରେ ଘୋଡାନାଚ, ପାରମ୍ପରିକ ନୃତ୍ୟ, କୀର୍ତ୍ତନ ଓ ସଂଗୀତ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଚାଲୁ ରହିଛି। ସୀତାରାମଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି। କାର୍ଯ୍ୟକ୍ରମରେ ଚକ୍ରଧର ଦାସ, ଲକ୍ଷ୍ମୀଧର ତରାଇ, କେଶବ ଚନ୍ଦ୍ର ଦାସ, ସୁଦର୍ଶନ ପରିଡ଼ା, ଭୋଳାନାଥ ମାଝି, ଧବଳେଶ୍ୱର ମାଝି, ଏକ ମାଝି, ନିବାସୀ ପରିଡ଼ା, ଶ୍ରୀଧର ମାଝି, ଗେଡନ ମାଝି, ଶ୍ରୀନିବାସ ମଲିକ, ବଟକୃଷ୍ଣ ମଲିକ, ରବୀନ୍ଦ୍ର ପରିଡ଼ା, ବିଳାସ ମାଝି, ଦିଲୀପ ତରେଇ, ବାବୁଲା ତରେଇ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ମାପଚୁପ ରିପୋର୍ଟ ଦାଖଲରେ ବିଳମ୍ବ

ଯାଜପୁର, ୨୫।୪ (ହର୍ଷବର୍ଦ୍ଧନ ବେହେରା):

**ଭିସିଆଇ କାରଖାନା ଜମିରୁ ମୋରମ୍ ଲୁଟ୍ ଘଟଣା**

- ଉପଯୁକ୍ତ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ
- ମୋରମ ଲୁଟ୍ ଟଙ୍କାରେ ଦବି ଯାଇପାରେ କଳା ବେପାର

ଶିଳ୍ପାୟନ ନାମରେ ଯାଜପୁର ଜିଲାରେ ଶିଳ୍ପସଂସ୍ଥାଙ୍କ ମନମାନି ବଢିବାରେ ଲାଗିଛି। କାରଖାନା ପ୍ରତିଷ୍ଠା ପାଇଁ ଶିଳ୍ପପତିମାନେ ଭୂଅର୍ଜନ ସକାଶେ ଇଡ୍‌କୋ ଜରିଆରେ ଦରଖାସ୍ତ କରି ଜମି ଅକ୍ତିଆର କରୁଛନ୍ତି। ଉକ୍ତ ଜମିରେ ଯଦି ବହୁ ମୂଲ୍ୟବାନ ଲଘୁ ଖଣିଜ ଦ୍ରବ୍ୟ ମିଳିଲା ତେବେ ସଂପୃକ୍ତ ଶିଳ୍ପସଂସ୍ଥାଙ୍କ ଲଟେରୀ ଖୋଲି ଯାଉଛି। ଏଭଳି ଏକ ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଭିସିଆଇ କେମିକାଲ ପ୍ରାଇଭେଟ ଲିଃ ନାମକ ଶିଳ୍ପ ସଂସ୍ଥା କ୍ଷେତ୍ରରେ। ଏହି ଶିଳ୍ପ ସଂସ୍ଥାକୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମରେ ମିଳିଥିବା ୨୨ ଏକର ଜମିରୁ ଗତ ପ୍ରାୟ ୩ ମାସ ହେବ ବେଆଇନ ମୋରମ ଉତ୍ତୋଳନ ଜାରି ରହିଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗତ ୧୮ ତାରିଖରେ ଏକ ବେସରକାରୀ ସଂସ୍ଥା ଦ୍ୱାରା ଡ୍ରୋନ କ୍ୟାମେରା ଲଗାଇ ମୋରମ ଲୁଟ ଉପରେ ଆକଳନ କରାଯାଇଛି। ହେଲେ ଏଯାଏ ମାପଚୁପର ରିପୋର୍ଟ ମିଳି ନ ଥିବାରୁ ଭିସିଆଇ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ଜଣାପଡିଛି।

ଇତିମଧ୍ୟରେ ଲଘୁ ଖଣି ବିଭାଗ, ସାଟେଲାଇଟ ମାପଚୁପ କରିଥିବା ବେସରକାରୀ ସଂସ୍ଥା ଏବଂ ଭିସିଆଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଭିତିରିଆ ବୁଝାମଣା ହୋଇ ମାପଚୁପ ଆକଳନକୁ ରଫାଦଫା କରିବାକୁ ଉଦ୍ୟମ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଧର୍ମଶାଳା ତହସିଲ ଅଞ୍ଚଳରେ ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଲୁଟ ଅଭିଯୋଗ ଉପରେ ସାଟେଲାଇଟ ମାପଚୁପ କରି କେତେଜଣ ଲିଜ୍‌ଧାରୀଙ୍କଠାରୁ ପ୍ରାୟ ୩୦୦ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଏଯାଏ ସମ୍ପୂର୍ଣ୍ଣ ଭାବେ ଜରିମାନା ଆଦାୟ ହୋଇ ପାରିନାହିଁ। ଏଭଳିସ୍ଥିତିରେ ଭିସିଆଇ କମ୍ପାନୀ ଉପରେ ସାଟେଲାଇଟ ମାପଚୁପର ପ୍ରଭାବ କେତେ ପଡିବ ତାହା ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ତେବେ ଉକ୍ତ କଳା ବେପାରକୁ ଚପାଇ ଦେବାକୁ କେତେଜଣ ରାଜନେତାଙ୍କ ଚାପ ପଡୁଥିବା ମଧ୍ୟ ଆଲୋଚନା ହେଉଛି। ଅନ୍ୟପକ୍ଷେ ଭିସିଆଇ କମ୍ପାନୀ ସମେତ ଇମ୍ପା, ଜଟିଆ ଷ୍ଟିଲ ପ୍ରଭୃତି ଶିଳ୍ପସଂସ୍ଥା ଜମି ନେଇ ସେଠାରୁ ମୋରମ ଲୁଟ୍ କରୁଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି।



ଭିସିଆଇ କମ୍ପାନୀ ପରିସରରୁ ମୋରମ୍ ଲୁଟ୍।

ଯଖପୁରା ଏବଂ କଟେରୀ ଗାଁ ଗ୍ରାମରେ ୧.୦ ଏଲଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେଶନ ପ୍ରକଳ୍ପ ପ୍ରସ୍ତାବ ରହିଛି। ଗତ ୧୯।୧୧।୨୦୨୩ରେ ଦାନଗଦି ଭବନଠାରେ ଅନୁଷ୍ଠିତ ସର୍ବସାଧାରଣ ଶୁଣାଣିରେ ଜନକଲ୍ୟାଣ, ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ଏବଂ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଜନଶୁଣାଣୀରେ ପ୍ରଭାବିତ ଅଞ୍ଚଳବାସୀଙ୍କ ଦ୍ୱାରା ଉତ୍‌ଥାପିତ ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ ପଦଟିଏ ବି ଜନଶୁଣାଣୀ ବିବରଣୀରେ ପ୍ରତିଶ୍ରୁତି ଦେଇ ନାହାନ୍ତି। ଏହି କ୍ରମରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ହୋଇଛି।

ଯୋଗ୍ୟତା ଅନୁସାରେ ନିଯୁକ୍ତି ଏବଂ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ କାରଖାନା ନିର୍ମାଣକୁ ବିରୋଧ କରାଯିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ହେଲେ ଭିସିଆଇ କମ୍ପାନୀ ମୋରମ ଲୁଟରେ ବ୍ୟସ୍ତ ଥିବାରୁ ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଥିବା ସହ କାରଖାନା କାର୍ଯ୍ୟ ଆରମ୍ଭ କରି ପାରିନାହିଁ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ କମ୍ପାନୀକୁ ମିଳିଥିବା ଜମିରୁ ପ୍ରାୟ ୧୦ ଏକରରୁ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୋରମ ଲୁଟ୍ ହୋଇଥିବା ଚର୍ଚ୍ଚା ହେଉଛି। ତେଣୁ ଉକ୍ତ ଲୁଟ୍ ଟଙ୍କାରୁ କେତେକ ଅଧିକାରୀଙ୍କୁ ନିଜ ଆୟତ୍ତରେ ରଖି ଜରିମାନା ଅର୍ଥକୁ ଅତି କମ କରିଦେବାକୁ ପ୍ରୟାସ ଚାଲିଛି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ମାପଚୁପ କରିଥିବା ସଂସ୍ଥା ଏଯାଏ ରିପୋର୍ଟ ଦାଖଲ କରିନାହିଁ। ରିପୋର୍ଟ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅନ୍‌ଲାଇନ ନାମ ପଞ୍ଜୀକରଣ କେନ୍ଦ୍ର ବନ୍ଦ

- ଟିକେଟ୍ କରି ନ ପାରି ବହୁ ରୋଗୀ ଫେରିଲେ
- ଧାଡ଼ିରେ ରହିବା ପରେ ବି ମିଳିଲାନି ଓପିଡି କାର୍ଡ
- ଡାକ୍ତରଙ୍କୁ ଦେଖା କରିବାକୁ ରୋଗୀ ହଟହଟା
- ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ
- ଫୋନ ଉଠାଉ ନାହାନ୍ତି ଡିଏଚ୍ଏଚ୍ ଅଧୀକ୍ଷକ



ମଝିରେ ଥିବା ଦୁଇ ପଞ୍ଜୀକରଣ କେନ୍ଦ୍ର ବନ୍ଦ ରହିଛି।

ନୟାଗଡ଼,୨୫।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ଅଧିକାଂଶ ଅନ୍‌ଲାଇନ ପଞ୍ଜୀକରଣ କେନ୍ଦ୍ର ବନ୍ଦ ରହିବାରୁ ଗୁରୁବାର ନାମ ପଞ୍ଜୀକରଣ କାର୍ଯ୍ୟ ବ୍ୟାହତ ହୋଇଛି। ଖୋଲିଥିବା ଅଳ୍ପ କେତେକ ପଞ୍ଜୀକରଣ କେନ୍ଦ୍ରରୁ ବହିର୍ବିଭାଗ କାର୍ଡ ପାଇବା ପାଇଁ ରୋଗୀମାନେ ବହୁ ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇଥିଲେ। ହେଲେ ବହୁ ରୋଗୀ ଓପିଡି କାର୍ଡ ପାଇପାରି ନାହାନ୍ତି। ଏଣୁ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ପାଇବାରୁ ବଞ୍ଚିତ ହୋଇ ଫେରିଛନ୍ତି। ଅଳ୍ପ ରୋଗୀ ବହୁ ସମୟ ଅପେକ୍ଷା କରି କାର୍ଡ ହାତେଇ ଡାକ୍ତରଙ୍କୁ ଦେଖା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାର ବିପର୍ଯ୍ୟସ୍ତ ନେଇ କେତେଜଣ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକଙ୍କୁ ଫୋନ କରି ଯୋଗାଯୋଗ କରିଥିଲେ, ହେଲେ ସେ ଫୋନ ଉଠାଇ ନ ଥିଲେ। ଏପରି କି ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ ମଧ୍ୟ ସେ ଉଠାଇ ନ ଥିବା ଅଭିଯୋଗ ହୋଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ପରାମର୍ଶ ପାଇଁ ଓପିଡି କାର୍ଡ ସାଥିରେ ନେବାକୁ ପଡିଥାଏ। ଏଥିପାଇଁ ରୋଗୀ ଅଥବା ରୋଗୀଙ୍କ ସମ୍ପର୍କୀୟ ନାମ ପଞ୍ଜୀକରଣ କରିବା ପରେ ଧାଡ଼ିରେ ଅପେକ୍ଷା କରି ଓପିଡି କାର୍ଡ ସଂଗ୍ରହ କରିଥାଆନ୍ତି। ଗୁରୁବାର ଅଧିକାଂଶ ରୋଗୀ ଓପିଡି କାର୍ଡ ନେବା ପାଇଁ ଧାଡ଼ିରେ ଠିଆ ହୋଇଥିଲେ। ତେବେ ପଞ୍ଜୀକରଣ କେନ୍ଦ୍ର ସମ୍ମୁଖରେ ପଞ୍ଜୀକରଣ ବନ୍ଦ ରହିଛି ବୋଲି ଲେଖାଥିଲା। ଏଣୁ ରୋଗୀ ହଟହଟା ହୋଇଥିଲେ। ଏପଟେ ଖରା ଓ ଗୁଳୁଗୁଳି ବାଧକ ସାଜିଥିଲା। ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା ରୋଗୀମାନଙ୍କୁ ବାଧିଥିଲା। ଏନେଇ ସୁନିତା ସାହୁ କୁହନ୍ତି, ମୋର ୫ ବର୍ଷର ଝିଅକୁ ଜ୍ୱର ହେଉଥିଲା। ଟିକେଟ୍ ପାଇଁ ମୋର ଜଣେ ସମ୍ପର୍କୀୟ ଲାଇନରେ ୧ ଘଣ୍ଟା ଠିଆ ହେଲେ। ଅଧିକାଂଶ ପଞ୍ଜୀକରଣ କେନ୍ଦ୍ର ବନ୍ଦ ଥିଲା। ଖୋଲାଥିବା ପଞ୍ଜୀକରଣ କେନ୍ଦ୍ରରେ ଧାଡ଼ିରେ ଠିଆ ହେବା ପରେ ଓପିଡି କାର୍ଡ ମିଳିଲାନି। ଏଣୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଫେରି ଝିଅକୁ ବେସରକାରୀ ହସ୍ପିଟାଲରେ ଦେଖାଇ ଘରକୁ ଫେରିଥିଲି। ଖରା ଓ ଗୁଳୁଗୁଳିରେ ଗୁରୁବାର ବଡ଼ ହଇରାଣ ହେଲୁ। ମୋ ପରି ଅନେକ ଲୋକ ଓ ରୋଗୀ ଗୁରୁବାର ହଟହଟା ହେଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏପରି ଅବ୍ୟବସ୍ଥା ଠିକ୍ ନୁହେଁ। ଘଟଣା ସମ୍ପର୍କରେ ଚିକିତ୍ସାଳୟର ମ୍ୟାନେଜରଙ୍କୁ ଅଭିଯୋଗ କରି ସୁଫଳ ପାଇଲୁ ନାହିଁ। ପୁଣି ଚିକିତ୍ସାଳୟର ଅଧୀକ୍ଷକଙ୍କୁ ଫୋନ କଲୁ ତାଙ୍କ ଫୋନ ସୁଇଚ୍ ଅଫ୍ ଥିଲା। ଏଭଳି ଘଟଣା ଆଗକୁ ନ ଘଟୁ ବୋଲି କହିଥିଲେ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଅଜୟ ବାହିନିପତିଙ୍କ ପର୍ସନାଲ ନମ୍ବର ୯୮୬୧୧୮୪୦୩୫ଙ୍କୁ ଫୋନ କରିବାରୁ ଉଠାଇ ନ ଥିଲେ। ସରକାରୀ ନମ୍ବର ୯୪୩୯୯୯୧୬୯୯କୁ ଯୋଗାଯୋଗ କରିବାରୁ ସୁଇଚ ଅଫ୍ ଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରୁଛୁ କହି ଏଡାଇ ଯାଇଥିଲେ।

## ୩ ଦାୟିତ୍ୱରେ ଡିଏଚ୍ଏଚ ଅଧୀକ୍ଷକ

ଡାକ୍ତର ଅଜୟ ବାହିନିପତି ବ୍ଲଡ୍ ବ୍ୟାଙ୍କ ଅଫିସର ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଭାବେ କାମ କରୁଛନ୍ତି। ଅନ୍ୟପକ୍ଷେ ମହିପୁର ଗୋଷ୍ଠୀ ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଭାବେ କାମ କରୁଛନ୍ତି। ଜଣେ ଡାକ୍ତର ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର କାମ କରୁଥିବାରୁ ସବୁ ବିଭାଗରେ ଅବ୍ୟବସ୍ଥା ପଦାକୁ ଆସୁଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ଏହାର ସମାଧାନ କରୁ ନାହିଁ। ଦିନକୁ ଦିନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ବଢ଼ି ଚାଲିଛି। ଏହାର ନିରାକରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଧମକ ମିଳିଲାଣି। ଏନେଇ ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଡାକ୍ତର ୩ଟି ବିଭାଗର ଦାୟିତ୍ୱରେ ରହିବାରୁ ଅବ୍ୟବସ୍ଥା ବଢ଼ି ଚାଲିଛି। ଜଣେ ଡାକ୍ତରଙ୍କୁ ଗୋଟିଏ ବିଭାଗର ଦାୟିତ୍ୱ ଦିଆଯାଉ। ନଚେତ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।

# ଲକ୍ଷ୍ମୀ ବସ୍ ଚଳାଚଳକୁ ଘରୋଇ ବସ୍ ମାଲିକଙ୍କ ବିରୋଧ



ନୟାଗଡ଼,୨୫।୪(ଲୋକନାଥ ମିଶ୍ର)

ଲକ୍ଷ୍ମୀବସକୁ ଘରୋଇ ବସ ମାଲିକଙ୍କ ବିରୋଧ ଆରମ୍ଭ ହୋଇଛି। ନୟାଗଡ଼ ଜିଲାର ଦର୍ପନାରାୟଣପୁର ଛକକୁ ଆସୁଥିବା ଲକ୍ଷ୍ମୀବସକୁ ନ ଆସିବାକୁ ତାଗିଦ୍ କରାଯାଇଛି। କଥା ନ ମାନିଲେ ପରିସ୍ଥିତି ଭଲ ହେବନି ବୋଲି ଚେତବାନୀ ଦିଆଯାଇଛି।

ସୂଚନା ଅନୁଯାୟୀ, ଦର୍ପନାରାଣପୁର ଛକ ରଣପୁର ବ୍ଲକରେ ରହିଥିବାବେଳେ କେନ୍ଦୁଢ଼ିପି କଲେଜ ନୟାଗଡ଼ ବ୍ଲକରେ ରହିଛି। କେନ୍ଦୁଢ଼ିପି କଲେଜକୁ ଯିବାକୁ ହେଲେ ଲକ୍ଷ୍ମୀବସକୁ ରଣପୁର ବ୍ଲକର ଦର୍ପନାରାୟଣପୁର ଛକ ଦେଇ ଯିବାକୁ ହେବ। ଏଣୁ ନୟାଗଡ଼ ବ୍ଲକର ବସ କାହିଁକି ରଣପୁର ବ୍ଲକ୍ ଭିତରକୁ ଆସୁଛି କହି କେତେଜଣ ଘରୋଇ ବସ ମାଲିକ ବିରୋଧ କରିଛନ୍ତି। ଲକ୍ଷ୍ମୀବସ ଯୋଗୁ ଘରୋଇ ବସର ବ୍ୟବସାୟ କ୍ଷତିରେ ପହଞ୍ଚିଛି ବୋଲି ଦର୍ଶାଇ ବିରୋଧ କରିଛନ୍ତି। ଅପରପକ୍ଷେ ଲକ୍ଷ୍ମୀବସ କର୍ମଚାରୀଙ୍କ ଯୁକ୍ତି କେନ୍ଦୁଢ଼ିପି କଲେଜ ହେଉଛି ନୟାଗଡ଼ ବ୍ଲକର ସୀମାନ୍ତ। ସୀମାନ୍ତ ଗାଁକୁ ଯିବାକୁ ହେଲେ ଅନ୍ୟ ବ୍ଲକ୍‌ର ଗାଁ ପଡିଲେ କିଛି ଅସୁବିଧା ନାହିଁ। ତେବେ ଆମେ ଆସୁଛୁ ଆମକୁ ବିରୋଧ କଲେ ଆମେ ପ୍ରଶାସନକୁ ଅବଗତ କରାଇ ଗାଡ଼ି ରଖିଦେବୁ ବୋଲି କହିଛନ୍ତି। ଏଭଳିସ୍ଥଳେ ସ୍ଥାନୀୟ ଲୋକେ ଘରୋଇ ବସ ମାଲିକଙ୍କୁ ବିରୋଧ କରି ଲକ୍ଷ୍ମୀବସ ଆସିବାକୁ ଦାବି କରିଛନ୍ତି।

# ନୟାଗଡ଼ ଜିଲାପାଳଙ୍କୁ ସମ୍ବର୍ଦ୍ଧନା


ଅନୁଷ୍ଠାନର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼ା,୨୫।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳ ସ୍ୱଧାଦେବ ସିଂଙ୍କୁ ଆନ୍ତର୍ଜାତୀୟ ମାନବାଧିକାର ରକ୍ଷକର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ମୀନ କେତନ ପଟ୍ଟନାୟକ ଓ ନୟାଗଡ଼ ଜିଲାର ମାନବାଧିକାର କର୍ମୀ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ଅବସରରେ ଆନ୍ତର୍ଜାତୀୟ ମାନବାଧିକାର ରକ୍ଷକର ନୟାଗଡ଼ ଜିଲା ସଭାପତି ଭଗବାନ ମହାପାତ୍ର, ଜିଲା ଦୁର୍ନୀତି ନିବାରଣ ଅଧିକାରୀ ପ୍ରମୋଦ କୁମାର ନନ୍ଦ, ଦିଲ୍ଲୀ କାର୍ଯ୍ୟାଳୟର ପ୍ରଶାସନିକ ଅବିନାଶ ସମାନ୍ତରାୟ, ଜିଲା ଯୁବ ସମ୍ପାଦକ ମାନସ ଗୋଛାୟତ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆନ୍ତର୍ଜାତୀୟ ମାନବାଧିକାର ରକ୍ଷକ, ନୟାଗଡ଼ ଜିଲାରେ ଅନାଥ ଓ ବୃଦ୍ଧଙ୍କ ପାଇଁ ଅନେକ ଯୋଜନା କରାଯିବା ବୋଲି କୁହାଯାଇଛି।

# ଧରାପଡ଼ିଲା ଠିକାଦାରଙ୍କ ବିଦ୍ୟୁତ୍ ଚୋରି

ଓଡ଼ଗାଁ,୨୫।୪
(ଆଦର୍ଶ କୁମାର ପଟ୍ଟନାୟକ)

ଧରାପଡ଼ିଲା ଠିକାଦାରଙ୍କ ବିଦ୍ୟୁତ୍ ଚୋରି। ଲଗାତର ୪ ମାସ ହେବ ବେଆଇନ ବିଦ୍ୟୁତ୍ ସଂଯୋଗ କରି ସାଢେ ୪ କୋଟି ଟଙ୍କାର ପ୍ରକଳ୍ପ କାମ କରିବାକୁ ଯୋଜନା କରିଥିଲେ ଠିକାଦାର। ବୁଧବାର ଟାଟାପାୱାର ଏନ୍‌ଫୋର୍ସମେଣ୍ଟ ଟିମ୍ ମନ୍ଦିର ପରିସରରେ ଚଢାଉ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା।

ସୂଚନା ଅନୁଯାୟୀ, ଓଡ଼ଗାଁ ଥାନା ଦୂତିକେଶ୍ୱର ମନ୍ଦିର ରୂପରେଖ ବଦଳିବା ପାଇଁ ସାଢେ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଠିକାଦାର କାମ ଆରମ୍ଭ କରିବାକୁ ଯାଇ ବିଦ୍ୟୁତ୍ ଚୋରି କରିଥିଲେ। ମନ୍ଦିର ଖୁଣ୍ଟରୁ ମନଇଚ୍ଛା ବିଦ୍ୟୁତ୍ ସଂଯୋଗ କରିଥିବା ବେଳେ ମନ୍ଦିର କାର୍ଯ୍ୟାଳୟରୁ ଆଉ ଏକ ସଂଯୋଗ ନେଇଥିବା ଅଭିଯୋଗ ହୋଇଥିଲା। ବେଆଇନ ବିଦ୍ୟୁତ୍ ସଂଯୋଗ କରି ଲୁହାରଡ଼ ଓଲଡିଂ କରିବା, ପଥର ଡ୍ରିଲିଂ ଓ ପାଣିମୋଟର ଚଳାଇବା ଆଦି କାର୍ଯ୍ୟ କରାଯାଉଥିଲା।



ଏପଟେ ବିଦ୍ୟୁତ୍ ସଙ୍କଟ ଯୋଗୁ ଗ୍ରାହକମାନେ ନାହିଁ ନ ଥିବା ହିନସ୍ତା ଭୋଗୁଥିଲେ। ଲୋଭୋଲଟେଜ ସାଙ୍ଗକୁ ଓଭରଲୋଡିଂ ପାଇଁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ଟିପିସିଏଲ୍‌ଓର

## ଦୂତିକେଶ୍ୱର ମନ୍ଦିର ନିର୍ମାଣ କାର୍ଯ୍ୟରେ ବେଆଇନ ବିଦ୍ୟୁତ୍ ସଂଯୋଗ

ଏନ୍‌ଫୋର୍ସମେଣ୍ଟ ଟିମ୍ ଦୂତିକେଶ୍ୱର ମନ୍ଦିରରେ ଚଢ଼ଉ କରି ସେଠାରୁ ବିପୁଳ ପରିମାଣର ତାର ଜବତ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଘଟଣାରେ ବିଭାଗୀୟ ଏସ୍‌ଡିଓ ପ୍ରତ୍ୟୁଷ ରଞ୍ଜନ ସାହୁ କହିଛନ୍ତି, ବେଆଇନ ବିଦ୍ୟୁତ୍ ସଂଯୋଗ ହୋଇ ମନ୍ଦିର ପରିସରରେ ଉନ୍ନୟନ କାମ ଚାଲିଥିବା ଧରିତ୍ରୀ ସମେତ ଅନ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଖବର ଜଣାପଡିବା ପରେ ଚଢଉ କରାଯାଇଥିଲା। କେତେମାସ ଧରି ଠିକାଦାର ବେଆଇନ ବିଦ୍ୟୁତ୍ ସଂଯୋଗ କରିଥିଲେ ତା'ର ତଦନ୍ତ ହେଉଛି। ସେହି ଅନୁଯାୟୀ ଆମେ ଜରିମାନା ଆଦାୟ କରିବୁ। ଏଥିରେ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

- ଉଲଗ୍ନ ଶରୀରର ଭିଡିଓ ଉତ୍ତୋଳନ
- ଅଭିଯୁକ୍ତ ଅଟକ ରଖି ପୋଲିସର ତଦନ୍ତ ଜାରି

ନୟାଗଡ଼,୨୫।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଇଟାମାଟି ଥାନା ଅଞ୍ଚଳରେ ଜଣେ ୧୫ ବର୍ଷିୟା ନାବାଳିକାଙ୍କୁ ଅପହରଣ କରାଯାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବଳାତ୍କାର ପରେ ଉଲଗ୍ନ ଶରୀରର ଭିଡିଓ ଉତ୍ତୋଳନ କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଅଭିଯୋଗ ପାଇବା ପରେ ୩୪୧, ୩୬୩, ୩୨୩, ୩୫୪, ୩୫୪(ବି), ୩୭୯, ୫୦୬, ୩୪ଆଇପିସି, ୮ ପୋକ୍‌ସୋ ଆକ୍ଟ ଓ ୬୬(ଇ) ଆଟି ଦଫାରେ ୧୦୧/୨୪।୪।୨୦୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପ୍ରାପ୍ତ ସୂଚନା ଅନୁସାରେ ନାବାଳିକା ପାଠ ପଢ଼ି ଟିଉଶନରୁ ଫେରୁଥିଲେ। ମନୋରଞ୍ଜନ ରାଉତ ନାମକ ଜଣେ ଯୁବକ ନାବଳିକାଙ୍କୁ ଅପହରଣ କରି ନେଇ ଛୁରି ଦେଖାଇ ଝରଦେଈ ଠାକୁରାଣୀଙ୍କ ପୀଠକୁ ନେଇ ଯାଇଥିଲେ। ଝରଦେଇଙ୍କ ପୀଠରେ ବଳତ୍କାର କରି ଉଲଗ୍ନ ଶରୀରର ଭିଡିଓ ଉତ୍ତୋଳନ କରିଥିଲେ। ଏପରିକି ପୀଡ଼ିତାଙ୍କ ବେକରୁ ସୁନାଚେନ୍ ନେଇ ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୀଡ଼ିତାଙ୍କୁ ଜହ୍ନିପଦା ଅଞ୍ଚଳରେ ଛାଡି ଦେଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କୁ ଜଣେ ବ୍ୟକ୍ତି ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପୀଡ଼ିତାଙ୍କ ବାପା ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି।

## ନୟାଗଡ଼ରେ ଫ୍ଲାଗ ମାର୍ଚ୍ଚ କରିବ ବିଜେଡି

ନୟାଗଡ଼,୨୫।୪(ଲୋକନାଥ ମିଶ୍ର)

ନାମାଙ୍କନ ପତ୍ର ଦାଖଲ ହୋଇ ନ ଥିଲେ ମଧ୍ୟ ନିର୍ବାଚନ ମାହୋଲ ସରଗରମ ହୋଇ ଉଠିଛି। ଏଭଳିସ୍ଥଳେ ଚଳିତ ମାସ ୨୮ରେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯିବା ପାଇଁ ପ୍ରସ୍ତୁତି ଜାରି ରହିଛି। ଏନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ଼ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଏଥିରେ ଯୋଗ ଦେଇ ଏହାର ରୂପ ରେଖ ନେଇ ସମୀକ୍ଷା କରିଥିଲେ। ଏଥିରେ ନୟାଗଡ଼ ମ୍ୟୁନିସିପାଲିଟିର ୧୬ ୱାର୍ଡ ଓ ନୟାଗଡ଼ ବ୍ଲକର ୨୯ ପଞ୍ଚାୟତର ନେତା, କର୍ମୀ ଓ ସମର୍ଥକ ଯୋଗ ଦେବେ। ବିଜେଡି କାର୍ଯ୍ୟାଳୟଠାରୁ ଚାଲି ଚାଲି ନୟାଗଡ ପୁରୁଣା ସହର ପର୍ଯ୍ୟନ୍ତ ଯିବାକୁ ପଡିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ବନ୍ଦ ପଡ଼ିଥିବା ସ୍କୁଲରେ ରହିଛି ୫ଶହ ବସ୍ତା ସାର

- ଗତ ଖରିଫ ଋତୁରୁ ସାରକୁ ଗଚ୍ଛିତ ରଖାଯାଇଥିବା ସନ୍ଦେହ
- ପୋଲିସକୁ କାଗଜପତ୍ର ଦେଖାଇ ପ୍ରସଙ୍ଗକୁ ରଫାଦଫା କରିବା ପାଇଁ ପ୍ରୟାସ

ନୟାଗଡ଼,୨୫।୪(ଲୋକନାଥ ମିଶ୍ର)

ଗତ ଖରିଫ ଋତୁ ପାଇଁ ନୟାଗଡ଼ ଜିଲା ସଦର ବ୍ଲକକୁ ଆସିଥିବା ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସାର ବସ୍ତା ଖୁଣ୍ଟୁବନ୍ଧ ପଞ୍ଚାୟତର ଗୁପ୍ତପଲ୍ଲୀ ପ୍ରାଥମିକ ସ୍କୁଲରେ ରହିଛି। ସାରର ଆବଶ୍ୟକତା ନ ଥିବାବେଳେ ୫ଶହରୁ ଊର୍ଦ୍ଧ୍ୱ ବସ୍ତା ସାର ବନ୍ଦ ପଡିଥିବା ସ୍କୁଲରେ କିଏ କାହିଁକି ଗଚ୍ଛିତ ରଖିଥିଲେ ସେ ନେଇ ସନ୍ଦେହ ଉପୁଜୁଛି। ଏନେଇ ନୟାଗଡ଼ ସଦର ଥାନାରେ ଅଭିଯୋଗ ପରେ ପୋଲିସ ଖୋଳତାଡ ଆରମ୍ଭ କରିଥିଲା। ତେବେ ସ୍କୁଲ ଭିତରେ ଗଚ୍ଛିତ ରଖିଥିବା ସାରର ମାଲିକ ସାରର କାଗଜପତ୍ର ଦେଖାଇ ସବୁ କିଛି ଠିକ୍ ଅଛି ବୋଲି କହି ପ୍ରସଙ୍ଗକୁ ରଫାଦଫା କରିବାକୁ ଉଦ୍ୟମ କରିଛନ୍ତି। ଆଗକୁ ଖରିଫ ଋତୁ ଥିବାବେଳେ ଗତ ବର୍ଷର ସାରକୁ ଚଳିତ ବର୍ଷର ଖରିଫ ଋତୁରେ ବିକ୍ରୟ କରି ଭଲ ଦୁଇ ପଇସା ରୋଜଗାର ମିଳିବାର ଲକ୍ଷ୍ୟରେ ଏହି ସାର ରହିଥିବା ଅଭିଯୋଗ ହୋଇଛି। ଏନେଇ ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁଙ୍କୁ ପଚାରିବାରୁ କହିଥିଲେ ଅଭିଯୋଗ ପରେ ସ୍କୁଲ ଯାଞ୍ଚ କରାଯାଇଥିଲା। ବନ୍ଦ ସ୍କୁଲରେ ସାର ଗଚ୍ଛିତ ରହିଛି। ତେବେ ଗଚ୍ଛିତ ସାରର କାଗଜପତ୍ର ଦେଖାଇଥିବାରୁ ପୋଲିସର ତଦନ୍ତ ଶେଷ ହୋଇଛି। ଯଦି କିଛି ଅସୁବିଧା ଅଛି ତେବେ କୃଷି ବିଭାଗ ଏହାର ଯାଞ୍ଚ କରିପାରେ। ଜିଲା ମୁଖ୍ୟ କୃଷି ଅଧିକାରୀ ହରି ରଥଙ୍କୁ ପଚାରିବାରୁ କହିଥିଲେ ଆମେ ଏତେ ସାର ଗଚ୍ଛିତ ରଖିବାକୁ କାହାକୁ କହି ନାହୁଁ। ତେବେ ସ୍କୁଲରେ ଗଚ୍ଛିତ ଥିବା ସାରକୁ ନୟାଗଡ଼ କୃଷିଅଧିକାରୀ ତଦନ୍ତ କରିବେ। ତଦନ୍ତ ପରେ ଜଣା ପଡିବ ଗଚ୍ଛିତ ସାର କେଉଁ ଉଦ୍ଦେଶ୍ୟରେ ରଖାଯାଇଛି। ଘଟଣା ସମ୍ପର୍କରେ କୃଷକ ନେତା ରଣଜିତ ଦଳବେହେରା କୁହନ୍ତି, ନୟାଗଡ଼ରେ ପ୍ରତିବର୍ଷ ଖରିଫ ଋତୁରେ ସାରର କଳାବାଜାର କରାଯାଉଛି। ଚାଷୀ ସରକାରୀ ଦରରେ ସାର ପାଉ ନାହିଁ। ସାରର ସରକାରୀ ଦର ଠାରୁ ୨୦୦ରୁ ୪୦୦ ଟଙ୍କା ଅଧିକ ଦେଇ ଚାଷୀ ସାର କିଣୁଛି। ଏଣୁ ସ୍କୁଲ ପରିସରରେ ଥିବା ସାର କଳାବଜାର ପାଇଁ ରଖା ଯାଇଥିବ। ପୋଲିସର ତଦନ୍ତ ପରେ ସ୍କୁଲରେ ସଂପୃକ୍ତ ସାର ଆଉ ରହିବ କି ନାଁ କହିହେବ ନାହିଁ। କୃଷି ବିଭାଗ ତଦନ୍ତ କରିବା ପୂର୍ବରୁ ସାର ଗାଏବ ହେବାର ସମ୍ଭାବନା ରହିଛି। ଏଣୁ ସାର କାହିଁକି ଗଚ୍ଛିତ ରହିଛି ତାର ତଦନ୍ତ ନିହାତି ଦରକାର ବୋଲି ସେ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆନନ୍ଦ


@ ଚମ୍ପାଲାଲ


@ କୃଷ


@ ସଙ୍ଗମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଜପାର ବୁଥ୍ ବିଜୟ ଅଭିଯାନ

ଦଶପଲ୍ଲା,୨୫।୪(ପ୍ରକାଶ କୁମାର ପାଣି)

ଭାରତୀୟ ଜନତା ପାର୍ଟିର ବୁଥ୍ ବିଜୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀର ବୁଥ୍‌ସ୍ତରୀୟ କର୍ମକର୍ତ୍ତା ମହାବୀର ମନ୍ଦିରରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏହାପରେ ସଭାସ୍ଥଳ ବ୍ରିଜ୍ ନିକଟସ୍ଥ ଏକ କଲ୍ୟାଣୀ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବୁଥ୍ ଜିତିଲେ ନିର୍ବାଚନ ଜିତିବା ଏବଂ ମୋଦି ଜୀ ଜିତିବେ, ମୋଦି ଯାହା କହନ୍ତି ତାହା କରନ୍ତି, ମୋଦି ଗ୍ୟାରେଣ୍ଟି ସଂକ୍ରାନ୍ତରେ କନ୍ଧମାଳ ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଲୋକେ ଦାଦନ ଖଟିବାକୁ ଯାଉଛନ୍ତି। କ୍ଷେତକୁ ପାଣି ନାହିଁ, ସ୍କୁଲରେ ଶିକ୍ଷକ ନାହାନ୍ତି। ଡାକ୍ତରଖାନାରେ ଡାକ୍ତର ନ ଥିବା ବେଳେ ପ୍ରତି ପଞ୍ଚାୟତ ରାସ୍ତା ଗାଁକୁ ସଂଯୋଗ ହୋଇନାହିଁ। ନେଟ୍ ୱର୍କ ନାହିଁ ବୋଲି କହି ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପୂର୍ବତନ ଜିଲା ସଭାପତି ପ୍ରସନ୍ନ ଦାଶ, କନ୍ଧମାଳ ପ୍ରଭାରୀ ନିରଞ୍ଜନ ମିଶ୍ର, ବିଧାୟକ ପ୍ରାର୍ଥୀ ରାଘବ ମଲିକ ପ୍ରମୁଖ ବୁଥ୍ ବିଜୟ ବିଷୟରେ କହିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ କାଶୀନାଥ ମଲିକ, ସନ୍ନ୍ୟାସୀ ନାୟକ, ବିଧାନସଭା ସଂଯୋଜକ ଜ୍ଞାନ ରଞ୍ଜନ ସାହୁ,ଡା.ରବୀନ୍ଦ୍ର ସେଠୀ, ହୃଷୀକେଶ ବେହେରା,ଜିଲା ଉପସଭାପତି ଭୀମସେନ ସେଠୀ, ମଣ୍ଡଳ ସଭାପତି ତଥା ମିଡିଆ କୋଅର୍ଡିନେଟର କିଶୋର ଚନ୍ଦ୍ର ଦଳବେହେରାଙ୍କ ସହ ସମସ୍ତ ମଣ୍ଡଳ ସଭାପତି ଓ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।



ବୁଥ୍ ବିଜୟ ଅଭିଯାନରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

